# କୋଇଲା ଖଣିକୁ ବିରୋଧ କରି ଗଣଗର୍ଜନ

## ତହସିଲ କାର୍ଯ୍ୟାଳୟ ଘେରାଉ



ଛେଣ୍ଡିପଦା,୧୫।୧(ସମିସ): ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳରେ କୋଇଲା ଖଣିକୁ ବିରୋଧ କରି ଛେଣ୍ଡିପଦା ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ତହସିଲ ଅଫିସ ଘେରାଉ କରାଯାଇଛି। ଛେଣ୍ଡିପଦା ଆଞ୍ଚଳିକ ସୁରକ୍ଷା ମଞ୍ଚ ସଭାପତି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ପୋଡାପଡା, ହାଣ୍ଡିଗୋଡା, ମାଛକୁଟା ସାଲୁଇଖମଣ ଆଦି କ୍ଷତିଗ୍ରସ୍ତ ଅଞ୍ଚଳର ପ୍ରାୟ ୨ ହଜାରରୁ ଅଧିକ ପୁରୁଷ ଓ ମହିଳା ଏହି ଆନ୍ଦୋଳନରେ ସାମିଲ ହୋଇ ଛେଣ୍ଡିପଦା ଡାକବଙ୍ଗଳାଠାରୁ ଏକ ବିରାଟ ରାଲିରେ ଆସି ତହସିଲ କାର୍ଯ୍ୟାଳୟକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦଳମତ ନିର୍ବିଶେଷରେ ବିସ୍ଥାପିତ ପରିବାର, ପରିବେଶବିତ୍ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଜୋର ଜବରଦସ୍ତ ବାହାର ରାଜ୍ୟର କମ୍ପାନୀ ଲୋକଙ୍କ ଜମିକୁ ଶାଗମାଛ ଦରରେ ଅଧିଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ବିକାଶ ପାଇଁ ଡ଼ିଣ୍ଡିମ ପିଟୁଥିବା ଡବଲ୍ ଇଞ୍ଜିନ୍ ସରକାର ଛେଣ୍ଡିପଦା ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦଳି ଚକଟି କମ୍ପାନୀ ସ୍ୱାର୍ଥ ପାଇଁ ଜୋରଜବରଦସ୍ତ ବେଆଇନ ଭାବେ ଜମି ଅଧିଗ୍ରହଣ କରୁଛନ୍ତି। ଏନେଇ ଲୋକଙ୍କ ବାରମ୍ବାର ପ୍ରତିବାଦ ସତ୍ତ୍ୱେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ମାନେ ଚଞ୍ଚକତା କରି ଜନଜୀବନ ଓ ଜୀବିକା, ପରିବେଶ ଏବଂ ପଶୁପକ୍ଷୀଙ୍କ ବ୍ୟାପକ କ୍ଷତି କରିବାକୁ ବସିଛନ୍ତି। ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ପକ୍ଷରୁ କର୍ଣ୍ଣପାତ କରୁ ନାହାନ୍ତି। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଛେଣ୍ଡିପଦା ତହସିଲଦାର ମାନସ ରାୟଙ୍କୁ ପ୍ରଦାନ କରାଯାଇଛି। ତହସିଲଦାର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିବା ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ସମ୍ପାଦକ ବିଶ୍ୱାମିତ୍ର ସାହୁ, ପରିବେଶବିତ ଡ. ବିଶ୍ୱଜିତ, ପରିବେଶବିତ୍, ଆଞ୍ଚଳିକ ସୁରକ୍ଷା ମଞ୍ଚ ସଦସ୍ୟା ସସ୍ମିତା ବେହେରା,ଏସୟୁସିଆଇ ନେତା ନବକିଶୋର ପ୍ରଧାନ, ଉଦୟନାଥ ବେହେରା, ବିଦ୍ୟାଧର ସାହୁ, ବିଜୟ ସାହୁ, ହଳଧର ସେଠୀଙ୍କ ସମେତ ୨ହାଜରରୁ ଅଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

## ପ୍ରଦୂଷଣମୁକ୍ତ ଅନୁଗୋଳ ଦାବି ନେଇ ସାଇକଲ୍ ଶୋଭାଯାତ୍ରା

ଅନୁଗୋଳ ୧୫।୧(ସମିସ): ଆଜି ସକାଳ ୮ଟା ସମୟରେ ଅନୁଗୋଳର ୧୬ ଜଣ ଯୁବ ସ୍ୱେଚ୍ଛାସେବୀ ପ୍ରଦୂଷଣମୁକ୍ତ ଅନୁଗୋଳ ଦାବି ନେଇ ଭୁବନେଶ୍ୱର ଯାତ୍ରା ଆରମ୍ଭ କରିଛନ୍ତି। ଜଗନ୍ନାଥ ମନ୍ଦିର ସମ୍ମୁଖରେ ବିଶିଷ୍ଟ ସମାଜସେବୀ କ୍ରିଷ୍ଣା ମହାନ୍ତି ନଡ଼ିଆ ଫଟାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଗତ କିଛି ବର୍ଷ ଧରି ଅନୁଗୋଳ ଜିଲ୍ଲାରେ ଖଣି ଖାଦାନ ବଢ଼ି ଚାଲିଛି। ବଡ଼ବଡ଼ ଶିଳ୍ପ ସ୍ଥାପନ ହୋଇଛି। ଏହାଦ୍ୱାରା ଏହି ଅଞ୍ଚଳର ମାଟି ପାଣି ପବନ ବିଷାକ୍ତ ହେଲାଣି। ଏହାଦ୍ୱାରା ଅନୁଗୋଳବାସୀଙ୍କ ସ୍ୱାସ୍ଥ୍ୟହାନି ଘଟୁଛି ଏବଂ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଣୁ ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣ କରାଯିବା, ଅଧିକ ଖଣି ଖାଦାନକୁ ଜିଲ୍ଲାରେ ଅନୁମତି ନଦେବା ଏବଂ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଅନୁଗୋଳ ମେଡିକାଲକୁ ଅଧିକ ଡାକ୍ତର ଦେବା ଆଦି ଦାବିରେ ଅନୁଗୋଳ ସ୍ୱେଚ୍ଛାସେବୀ ମାନେ ଏକ ସାଇକଲ ଶୋଭାଯାତ୍ରାରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିବେ। ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଆଦ୍ୟାଶ୍ଳୋକ ମିଶ୍ର, ମୋତିଲାଲ ଆର୍ଯ୍ୟ ପ୍ରମୁଖ ଦଳର ନେତୃତ୍ୱ ନେଉଛନ୍ତି। ଜାନୁଆରୀ ୧୬ ତାରିଖରେ ସେମାନେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। କାଉନ୍‌ସିଲର ସରିତା ମିଶ୍ର ଓ ସହରର ବହୁ ବୁଦ୍ଧିଜୀବୀ ସ୍ୱେଚ୍ଛାସେବୀ ଦଳକୁ ଶୁଭେଚ୍ଛା ଜଣାଇଥିଲେ।

■ ସୁରେଶ୍ୱରୀ ଜଳ ଭଣ୍ଡାର ନିର୍ମାଣ ଦାବି

## ଫେବୃଆରୀ ୩ରେ ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ



କିଶୋରନଗର ୧୫।୧(ସମିସ): କିଶୋରନଗର ଅଞ୍ଚଳର ଚାଷ ଜମିକୁ ଜଳସେଚନ ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ ଜୀବନ ଜୀବିକା କୃଷି ଜମି ସୁରକ୍ଷା କମିଟି ଜଏରାଟ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ବରିଷ୍ଠ ସଭ୍ୟ ରବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ରମଣି ରଂଜନ ପ୍ରଧାନ, ତୀର୍ଥବାସୀ ଭୋଇ , ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଦେହୁରୀ, ରମାକାନ୍ତ ପ୍ରଧାନ, ଯୋଗିନ୍ଦ୍ର ବିଶ୍ୱାଳ,ସୁରୁଚି ପ୍ରଧାନ, ବସୁମତୀ ସାହୁ ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଦୀର୍ଘଦିନ ହେଲା ଉପେକ୍ଷିତ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କୁ କାର୍ଯ୍ୟକାରୀ କରିବାରେ ସରକାରଙ୍କ ଦାୟିତ୍ୱହୀନତା, କାଳକ୍ଷେପଣ ନୀତିକୁ ସମାଲୋଚନା କରିଥିଲେ। ଏନେଇ ଗତ ଡିସେମ୍ବର ମାସରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ କମିଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରାନଗଲେ ଆସନ୍ତା ଫେବୃଆରୀ ୩ରେ ବ୍ଲକ ଅଫିସର ସମ୍ମୁଖରେରେ ଆନ୍ଦୋଳନ କରାଯିବବ ବୋଲି ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

୮ ପଞ୍ଚାୟତ ପ୍ରତିନିଧିଙ୍କ ଲିଖିତ ସହମତି ଆଣିଲା କ୍ରିୟାନୁଷ୍ଠାନ କମିଟି

## ବଇଣ୍ଡାକୁ ବ୍ଲକ୍ ମାନ୍ୟତା ଦାବି ଜୋର ଧରିଲା

**ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ଦେବେ**

ବଇଣ୍ଡା ୧୫।୧(ସମିସ): ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ପେଣ୍ଠ ସ୍ଥଳୀ ବଇଣ୍ଡାକୁ ବ୍ଲକ ମାନ୍ୟତାକୁ ନେଇ ଦାବି ଜୋର ଧରିଛି। ଏଥି ପାଇଁ ବୁଧବାର ଦିନ ୧୩ ନମ୍ବର ଜୋନର ୮ ଟି ପଞ୍ଚାୟତବାସୀ ଏକଜୁଟ ହୋଇଛନ୍ତି। ଏହି ଅଞ୍ଚଳ ସହ ଅନ୍ୟାନ୍ୟ ଅଞ୍ଚଳକୁ ମିଶାଇ ବ୍ଲକ ଗଠନ କରିବା ପାଇଁ ବଇଣ୍ଡା ଗ୍ରାମବାସୀମାନେ ଦୀର୍ଘ ୩୧ ବର୍ଷ ହେବ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବ୍ଲକ ଗଠନ ପାଇଁ ଚିନ୍ତା କରୁଥିବା ବେଳେ ବଇଣ୍ଡା କୁ ବ୍ଲକ ର ମାନ୍ୟତା ଦିଆଯାଉ ବୋଲି ୮ ପଞ୍ଚାୟତ ର ସରପଞ୍ଚ , ସମିତିସଭ୍ୟ , ୱାର୍ଡ ମେମ୍ବର ସହ ଅଞ୍ଚଳବାସୀ ମାନେ ସହମତି ପ୍ରକାଶ କରିଛନ୍ତି। ଏ ନେଇ ବୁଧବାର ଦିନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୁନୁକାପଶି ପଞ୍ଚାୟତ କାର୍ଯାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କମିଟି ର ସଭାପତି ବିରଞ୍ଚି ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ଜଳଧର ସାହୁ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ବଇଣ୍ଡା ଗ୍ରାମ ଉପସଭାପତି ଅରବିନ୍ଦ ସାହୁ, ବରିଷ୍ଠ ନାଗରିକ ଭଗବାନ ଘିୱାଲା, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ଆଇନଜୀବି ପ୍ରତାପ କୁମାର ପ୍ରଧାନ, ଭାଜପା ନେତା ବିଶ୍ୱଜିତ ମିଶ୍ର , ପ୍ରବୀଣ ସାହୁ , ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୁଧବାର ଦିନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୩ ନମ୍ବର ଜୋନର ୮ ଟି ପଞ୍ଚାୟତ ସରପଞ୍ଚଙ୍କର ଲିଖିତ ଭାବରେ ସହମତି ଅଣାଯାଇଥିବା ଜଣାପଡିଛି। ଏ ନେଇ ୮ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ମହିଳାଙ୍କ ମୃତଦେହ ଛେଣ୍ଡିପଦା ମେଡିକାଲରୁ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଛେଣ୍ଡିପଦା,୧୫।୧(ସମିସ): ବାଗଡିଆ ଥାନା ପୋଲିସ ଛେଣ୍ଡିପଦା ମେଡିକାଲରୁ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଛି। ମହିଳାଙ୍କୁ ଯୌତୁକ ଓ ମାନସିକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ଅଭିଯୋଗରେ ବୁଧବାର ସକାଳେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ମହିଳା ଜଣଙ୍କ ହେଉଛନ୍ତି ପାତ୍ରପଡା ଗାଁର ଅର୍ଜୁନ ନାଏକଙ୍କ ପତ୍ନୀ ଓଷା ନାଏକ । ସୂଚନା ଅନୁସାରେ ଛେଣ୍ଡିପଦା ଥାନା ଜାମୁନାଳି ଗ୍ରାମର ଓଷା ନାଏକ ବାଗଡିଆ ଥାନା ପାତ୍ରପଡା ଗାଁର ଅର୍ଜୁନ ନାଏକଙ୍କୁ ବିବାହ କରିଥିଲେ। ବିବାହର ପରେ ଯୌତୁକ ପାଇଁ ଓଷାକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ ଶାଶୁ ଘର ଲୋକ। ଗତକାଲି ଓଷାକୁ ମାଡିପିଟ ହୋଇଥିବା ବେଳେ ରାତିରେ ହଠାତ୍ ଉଷା ଆତ୍ମହତ୍ୟା କରିଥିବା ନେଇ ଖବର ପାଇଥିଲେ ଓଷାର ପରିବାର ଲୋକେ। ଖବର ପାଇ ପରିବାର ଲୋକ ଛେଣ୍ଡିପଦା ମେଡ଼ିକାଲରେ ପହଞ୍ଚି ଉଷାଙ୍କ ସନ୍ଦେହଜନକ ଅବସ୍ଥାରେ ମେଡିକାଲ ବେଡ଼ରେ ମୃତଦେହ ପଡ଼ିଥିବା ଦେଖି ସନ୍ଦେହ କରିଥିଲେ। ଓଷାଙ୍କୁ ଯୌତୁକ ଓ ମାନସିକ ନିର୍ଯାତନା ଦେଇ ଶାଶୁ ଘର ଲୋକ ହତ୍ୟା କରିଥିବା ନେଇ ମୃତ ମହିଳାଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ।



## ଟ୍ରକ ଚକାତଳେ ଚାପିହୋଇ ବାଇକ୍ ଆରୋହୀ ଗୁରୁତର



ପାଲଲହଡ଼ା, ୧୫।୧(ସମିସ): ବୁଧବାର ସନ୍ଧ୍ୟାରେ ପାଲଲହଡା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୪୯ ପେଣ୍ଡରାବସା ନିକଟରେ ବାଇକ୍‌କୁ ଏକ ଟ୍ରକ ଧକା ଦେବା ଫଳରେ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ଆହତ ଜଣକ ହେଲେ ପାଲଲହଡା ଥାନା ବତୀସୁଆଁ ଅଞ୍ଚଳର ମଦନ ନାୟକ (୬୫) ବର୍ଷ। ମଦନ ପାଲଲହଡ଼ା ପଟରୁ ନିଜ ଘରକୁ ଯାଉଥିବା ବେଳେ ସାମ୍ନାରୁ ଆସୁଥିବା ଓଡି ୨୯ ପି ୪୫୨୨ ନମ୍ବର ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା ଏବଂ ଟ୍ରକ ତଳେ ମଦନ ଚାପି ହୋଇ ରହି ଯାଇଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ମଦନକୁ ଉଦ୍ଧାର କରି ପାଲଲହଡା ଡାକ୍ତରଖାନାକୁ ପଠାଇ ଥିଲେ। ଦୁର୍ଘଟଣା ପାଇଁ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା । ଗ୍ରାମବାସୀ ଏବଂ ପରିଜନ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପାଲଲହଡା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଥିଲା। ପୁଲିସ ଗାଡିକୁ ଜବତ କରି ତଦନ୍ତ କରୁଛି।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



କିଶୋରନଗର ୧୫। ୧(ସମିସ): ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଅନୁଗୋଳ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗର ଠାରେ ଆଜି ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ଥାନା ଅଧିକାରୀ ବିଭୂତି ଭୂଷଣ ସାହୁ ପତାକା ଦେଖାଇ ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ସହର ପରିକ୍ରମା କରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପରିବହନ ବିଭାଗର ଡେପୁଟୀ ସୁପରିଟେଣ୍ଡେଣ୍ଟ ରମାକାନ୍ତ ନାୟକ , ସମ୍ମାନିତ ଅତିଥି ଭାବେ ମୋଟର ଭେଇକିଲ୍ ଇନ୍‌ସପେକ୍ଟର ବିଭୁରଞ୍ଜନ ନାୟକ, ଟ୍ରାଫିକ୍ ଇନ୍ସପେକ୍ଟର ସୁମନ୍ତ ସେଠୀ ଯୋଗ ଦେଇଥିଲେ। ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଗଗନ କୁମାର ପରିଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ବିନାୟକ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

ପାଲଲହଡା କପ୍ ଉଦ୍‌ଘାଟିତ

## ଦେବଗଡ଼କୁ ହରାଇ ସେମିରେ କେନ୍ଦୁଝର

ପାଲଲହଡା ୧୫।୧(ସମିସ): ପାଲଲହଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ପାଲଲହଡା ଷ୍ଟାଡିୟମ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଦେବଗଡ଼ ଏକାଦଶ ବନାମ ୟୁନିକ୍ କ୍ରିକେଟ୍ କ୍ଲବ କେନ୍ଦୁଝର ମଧରେ ହୋଇଥିଲା। ନିଜଗଡ଼ ସରପଞ୍ଚ ଶଶୀଭୂଷଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଲଲହଡା କପର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପାଲଲହଡା କ୍ରୀଡ଼ା ସଂସଦ ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା, ବରିଷ୍ଠ କ୍ରୀଡ଼ାବିତ୍ ମନୋରଞ୍ଜନ ପ୍ରଧାନ, ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଆଜିର ମ୍ୟାଚରେ କେନ୍ଦୁଝର ଏକାଦଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଦେବଗଡ଼ କ୍ରିକେଟ କ୍ଲବ ୮ ଉଇକେଟ୍ ହରାଇ ୨୦ ଓଭରରେ ୧୨୪ ରନ କରିବାରେ ସକ୍ଷମ ହେଇଥିଲେ। ୨୩ ରନରେ କେନ୍ଦୁଝର ବିଜୟୀ ହେଇ ପାଲଲହଡା କପର ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ପ୍ରବେଶ କରିଛି। ୟୁନିକ୍ କ୍ଲବ କେନ୍ଦୁଝରର ପ୍ରଶାନ୍ତ ଚୌହାନ ଧୂଆଁଧାର ୪୫ଟି ବଲରେ ୪ଟି ଚୌକା ଓ ୫ଟି ଛକ୍କା ସହାୟତାରେ ୫୩ ରନ କରି ଆଜି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେଇଛନ୍ତି। ଆଜିର ମ୍ୟାଚକୁ ରଂଜିତ କୁମାର ସାମଲ ଓ ସଂଜୀବ ପାତ୍ର ପରିଚାଳନା କରିଥିଲେ। ଭୂପେନ କୁମାର ନାଏକ ଓ ଶିବ ପ୍ରସାଦ ସାମଲ ସ୍କୋରର ଦାୟିତ୍ୱ ତୁଲାଇ ଥିବା ବେଳେ ସଞ୍ଜୟ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଗଡନାୟକ,ହରିହର ପାଣି, ପ୍ରଶାନ୍ତ ଦାସ, ଅମୂଲ୍ୟ କୁମାର ନନ୍ଦ, ବିଷ୍ଣୁ ପ୍ରସାଦ ଦାସ, ଦୀପକ ସାହୁ, ସତ୍ୟାର ସାହୁ, ଦିଲୀପ କୁମାର ସାହୁ, ମହେନ୍ଦ୍ର କୁମାର ବେହେରା, ସୁମନ ନାଏକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନା କରିବାରେ ସହଯୋଗ କରିଥିଲେ। ଆଜିର ଶ୍ରେଷ୍ଠ ଖେଳାଳୀକୁ ସିଗଡ଼ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ ପୁରସ୍କୃତ କରିଥିଲେ। ଆସନ୍ତା କାଲି ସମ୍ବଲପୁର ଓ ଏ ସିସି ଅନଗୁଳ ମଧରେ ଖେଳ ହେବ ବୋଲି କ୍ଲବ ସମ୍ପାଦକ ସୁବ୍ରତ ମହାନ୍ତି ସୂଚନା ଦେଇଛନ୍ତି।

## ଚାଷୀଙ୍କୁ ପିଆଜ ବିହନ ବିତରଣ

ଅନୁଗୋଳ,୧୫। ୧ (ସମିସ): ଅନୁଗୋଳ ଜଙ୍ଗଲ ବିଭାଗ ଏବଂ ଛେଣ୍ଡିପଦା ଉଦ୍ୟାନ କୃଷି ବିଭାଗର ମିଳିତ ଉଦ୍ୟମରେ ଜରପଡା ରେଞ୍ଜ ଭାଗିରଥିପୁର ବନ ସଂରକ୍ଷଣ ସମିତିର ଚାଷୀ ମାନଙ୍କୁ ପିଆଜ ବିହନ ବଣ୍ଟନ କରାଯାଇଥିଲା। ଜେରଙ୍ଗ ନୂଆ ସାହି, ବୁଢ଼ୀ ପାହାଡ଼, ଭାଗିରଥିପୁର ଆଦି ଅଞ୍ଚଳର ଚାଷୀ ମାନଙ୍କୁ ପ୍ରାୟ ଦଶ କେଜି ଓଜନର ପିଆଜ ବିହନ ବଣ୍ଟନ କରାଯାଇଥିଲା। ଟିମ୍ ଲିଡର ଜଗନାଥ ରେଡ଼ି, ଡେଭେଲପମେଣ୍ଟ ଅଫିସର ମାନସନରଞ୍ଜନ ପ୍ରଧାନ, ଜରପଡା ରେଞ୍ଜର ମାଧବ ଚନ୍ଦ୍ର ନାୟକ, ଫରେଷ୍ଟର ବାସନ୍ତ ଗଡ଼ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଉନ୍ନତମାନର ବିହନ ଲଗାଇଲେ ଗୋଟେ କେଜି ବିହନରେ ଦେଢ଼ କୁଇଣ୍ଟାଲ ପିଆଜ ଅମଳ ହୋଇ ପାରିବ ବୋଲି କୁହାଯାଉଛି।

## ନୂତନ ଆଇଆଇସିଙ୍କ ଯୋଗଦାନ



କଣିହାଁ ୧୫। ୧ (ସମିସ): କଣିହାଁ ବ୍ଲକ ସମଲ ଥାନାରେ ନୂତନ ଆଇଆଇସି ଭାବେ ଅରୁଣ କୁମାର ଖିଲାର ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଅନୁଗୋଳ ଜିଲ୍ଲା କିଆକଟା ଥାନାରେ କାର୍ଯ୍ୟରତ ଥିଲେ। ଶ୍ରୀଯୁକ୍ତ ଖିଲାର ସମଲ ଥାନାରେ ଯୋଗଦାନ କରିବା ପରେ କହିଛନ୍ତି ଯେ ଲୋକମାନେ ନିଜର ଅଭିଯୋଗ ସିଧାସଳଖ ଆଣି ତାଙ୍କୁ ଦେଖା କରିବା ସହିତ ଆଇନ ବ୍ୟବସ୍ଥା ମଧରେ ତାହାର ସମାଧାନ କରି ପାରିବେ। ସୂଚନାଯୋଗ୍ୟ ଏଠାରେ କାର୍ଯ୍ୟରତ ଆଇଆଇସି ଦିଲୀପ ଲାକ୍ରାଙ୍କର ସୁନ୍ଦରଗଡ ଜିଲ୍ଲା ରାଉରକେଲାକୁ ବଦଳି ହୋଇଯାଇଛି।

## କଣିହାଁରେ ମକର ଯାତ୍ରା

କଣିହାଁ,୧୫ ।୧ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ଟୋଲକବେଡା, ବଡହିରା, ଭୁଇଁପୁର, କୁଲେଇ ଇତ୍ୟାଦି ଅଞ୍ଚଳରେ ମଙ୍ଗଳବାର ମକରଯାତ୍ରା ପାଳିତ ହୋଇଛି। ଟୋଲକବେଡା ଗ୍ରାମରେ ହେଉଥିବା ମକର ମେଳାରେ ଗ୍ରାମରେ ଥିବା ବହୁ ପ୍ରାଚୀନ ଗୁମ୍ଫା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଏହି ଅବସରରେ ଟିକିରା ନଦୀରେ ଭକ୍ତମାନେ ଦୀପ ଦାନ କରିଥିଲେ। ନଦୀପାର ହୋଇ ପାହାଡ଼ ତଳେ ଥିବା ବିଷ୍ଣୁ ମନ୍ଦିର ଦର୍ଶନ କରିବା ସହ ପାହାଡ଼ ଭିତରେ ବହୁ ପ୍ରାଚୀନ ଗୁମ୍ଫା ଦେଖିବା ପାଇଁ ଲୋକମାନଙ୍କ ଭିଡ ଜମିଥିଲା। ଟୋଲକବେଡ଼ା ମକର ଯାତ୍ରାରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ପୂର୍ବତନ ସାଂସଦ ମହେଶ ସାହୁ, କଣିହାଁ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ରଞ୍ଜନ ସାହୁ, ସ୍ଥାନୀୟ ଲୋକ ପ୍ରତିନିଧି, ବୁଦ୍ଧିଜୀବି ଯୋଗ ଦେଇଥିଲେ। ଭୁଇଁପୁର ଗ୍ରାମରେ ରାଧାକୃଷ୍ଣ ଠାକୁରଙ୍କୁ ବିମାନ ଯୋଗେ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ସମଲ ଥାନା କୁଲେଇ ଗ୍ରାମରେ ମଧ ମକର ଯାତ୍ରା ପାଳନ କରାଯାଇଛି। ମକରଯାତ୍ରା ଦେଖିବା ପାଇଁ ଆଖପାଖ ଗ୍ରାମର ଦର୍ଶକ ମାନଙ୍କ ଭିଡ଼ ଲାଗି ରହିଥିବା ଦେଖା ଦେଇଥିଲା।

## PhD Degree



ୟୁଏସଏର ୱାସିଂଟନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କଲେ ଅବିନାଶ ସାହୁ

ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ଉଦ୍ୟୋଗପତି ତଥା ପରିବେଶବିତ ଦିଲ୍ଲୀପ କୁମାର ସାହୁଙ୍କ ସୁପୁତ୍ର ଅବିନାଶ ସାହୁ ୟୁଏସଏର ୱାସିଂଟନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କରିଛନ୍ତି। ଏବେ ସେ ବାଲେଶ୍ୱର ସହର ସହଦେବଖୁଣ୍ଟା ଠାରେ ରହି ନିଜର ବ୍ୟବସାୟ ପରିଚାଳନା କରୁଛନ୍ତି। ସେ ଆମେରିକାରେ ୱାସିଂଟନସ୍ଥିତ ଡିଜିଟାଲ ୟୁନିଭରସିଟିରେ ଡକ୍ଟରେଟ ସହ ବିଜନେସ ମେନେଜମେଣ୍ଟ କୋର୍ସ କରୁଥିଲେ। ଗତ ୧୧ ତାରିଖରେ ସେ ଡକ୍ଟରେଟ ଉପାଧିରେ ଭୂଷିତ ହୋଇଛନ୍ତି। ଏଥିପାଇଁ ଦିଲ୍ଲୀସ୍ଥିତ ଏକ ହୋଟେଲରେ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଏହି ଡକ୍ଟରେଟ ଉପାଧି ହାସଲ କରିବା ପରେ ତାଙ୍କର ପରିବାବାର ବର୍ଗଙ୍କ ସହ ବାଲେଶ୍ୱର ଜିଲ୍ଲାବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏବଂ ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୟୁଏସଏର ଏହି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ପାଇବା ପାଇଁ ସାରା ବିଶ୍ୱର ବ୍ୟକ୍ତି ବିଶେଷ ଆଗ୍ରହ ପ୍ରକାଶ କରନ୍ତି। ମାତ୍ର ସମସ୍ତେ ଉପାଧି ପାଇବାରେ ସମର୍ଥ ହୋଇପାରନ୍ତି ନାହିଁ। ହେଲେ ଅବିନାଶ ସାହୁ ଉକ୍ତ ୟୁନିଭରସିଟିରୁ ଡକ୍ଟରେଟ ଉପାଧି ପାଇବାରେ ସମର୍ଥ ହୋଇଥିବାରୁ ଏହା ବାଲେଶ୍ୱର ତଥା ଓଡ଼ିଶାର ଏକ ଗୌରବର ବିଷୟ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ରୁକ୍ମଣୀ ସାହୁ

ଗ୍ରାମ-ଖଙ୍ଗାରଗୁଡା, ଗ୍ରାମ ପଞ୍ଚାୟତ - ବଡକୁଟ୍ରୁ
ବ୍ଲକ-ଜୟପୁର, ଜିଲ୍ଲା-କଳାହାଣ୍ଡି, ଓଡ଼ିଶା
ଆବିର୍ଭାବ-୨୧/୨/୧୯୫୦, ତିରୋଧାନ-୬/୧/୨୦୨୫
(ପୌଷ କୃଷ୍ଣପକ୍ଷ ଏକାଦଶୀ)

ମା ଆପଣଙ୍କ ସ୍ନେହ ଶ୍ରଦ୍ଧା ତ୍ୟାଗ ଆମେ ସପରିବାର କେବେ ହେଲେ ଭୁଲି ପାରିବୁ ନାହିଁ, ତୁମର ଅମର ଆତ୍ମାର ସଦଗତି ପାଇଁ ମାଁ ଠାକୁରାଣୀଙ୍କ ନିକଟରେ ସପରିବାର ପକ୍ଷରୁ ବିନମ୍ର ପ୍ରାର୍ଥନା.

ଶୋକସନ୍ତପ୍ତ:
ଆପଣଙ୍କର ପୁଅ, ହେମନ୍ତ କୁମାର ସାହୁ , ଗଗନ ବିହାରୀ ସାହୁ , ଭୀମସେନ ସାହୁ , ପିତାମ୍ବର ସାହୁ ତଥା ଶୋକ ସନ୍ତପ୍ତ ପରିବାର ଓ ବନ୍ଧୁ ପରିଜନ

■ ଜନଶୁଣାଣି ଶିବିର ଉପରେ ରହୁନି ଆସ୍ଥା !

## ମାତ୍ର ୨୭ଟି ଅଭିଯୋଗ ଗ୍ରହଣ



ତାଳଚେରସଦର, ୧୫।୧(ସମିସ): ଜନଶୁଣାଣି ଶିବିର ଉପରୁ ଲୋକଙ୍କର ଦିନକୁ ଦିନ ଲୋକଙ୍କ ଆସ୍ଥା କମି କମି ଯାଉଛି। ଏହି କ୍ରମରେ ଅନୁଗୋଳ ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କ ଅଧକ୍ଷତାରେ ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ତାଳଚେର ପଞ୍ଚାୟତ ଗୃହଠାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡମ୍ବନାର ବିଷୟ ଏହି ଶିବିରରେ ମାତ୍ର ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ଓ ୧୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଶିଳ୍ପନଗରୀ ତାଳଚେର ଭଳି ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଗମନାଗମନ, ଜମିଜମା ବହୁବିଧ ସମସ୍ୟା ଲାଗି ରହିଥିଲେ ମଧ ମାତ୍ର ୨୭ଟି ଅଭିଯୋଗ ଆସିଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି। ଜନ ଶୁଣାଣି ଶିବିରରେ ହେଉଥିବା ଅଭିଯୋଗ ଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉନଥିବାରୁ ଲୋକେ ଆଉ ଅଭିଯୋଗ ପାଇଁ ଆସୁ ନଥିବା ଜଣାପଡ଼ିଛି। ତେଣୁ ତୁରନ୍ତ ସରକାର ଏଥିପ୍ରତି ଯତ୍ନବାନ୍ ହେବା ଆବଶ୍ୟକତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ କରିଛନ୍ତି।

## ୨୪କୁଣ୍ଡୀୟ ଯଜ୍ଞ ପାଇଁ ଭୂମିପୂଜନ

ତାଳଚେରସଦର,୧୫।୧(ସମିସ): ଆଜି ତାଳଚେର ପୌରପରିଷଦ ଅନ୍ତର୍ଗତ ନବମିଶ୍ର କଲୋନୀଠାରେ ୩ଟି ଭବ୍ୟମନ୍ଦିର ପ୍ରତିଷ୍ଠା ନିମନ୍ତେ ୨୪କୁଣ୍ଡୀୟ ଯଜ୍ଞର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାର ଓ କଲୋନୀବାସୀଙ୍କ ସହାୟତାରେ ସୂର୍ଯ୍ୟପୂଜା, କଳସ ସ୍ଥାପନ କରି ଘଟପୂଜା, ଭୂମିପୂଜନ ଓ ବିଧିବିଧାନ ଅନୁସାରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଅନୁଷ୍ଠାନର କର୍ତ୍ତାଭାବେ ମନୋଜ ସାହୁ ଦମ୍ପତି ଓ ପଣ୍ଡିତ ଶ୍ରୀ ଶ୍ରୀ ପ୍ରସନ୍ନ ପତିଙ୍କ ଉପସ୍ଥିତିରେ ଭୂମିପୂଜନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଆଜି ଠାରୁ ୧୧ଦିନ ପରେ ଅର୍ଥାତ୍ ୨୭ତାରିଖ ଠାରୁ ୫ଦିନ ବ୍ୟାପି ନୂତନଭାବେ ନିର୍ମାଣ କରାଯାଉଥିବା ଜଗନ୍ନାଥ, ମା' ଗାୟତ୍ରୀ ଦେବୀ ଓ ମହାକାଳେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ହେବ। କଲୋନୀର ନରେଶ ଚନ୍ଦ୍ର ବେହେରା, ବସନ୍ତ କର, ସରୋଜ ଶତପଥୀ, ପ୍ରଦୀପ ମହାରଣା, ସୁଧିର ଜେନା, ଆସିଷ ଗୋଏଲ, ଗୋପାଳ ପ୍ରସାଦ ମୋଦୀ, ରବିନାରାୟଣ ପଣ୍ଡା, ମହେନ୍ଦ୍ର କରଣ, ଅଶୋକ ବର୍ମା, ପ୍ରଦୀପ୍ତ ଜେନା ଓ ମହେନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ।

**ନିରୁଦ୍ଦିଷ୍ଟ**



**ରାଧାନାଥ ପଣ୍ଡା**

ବୟସ – 75 ବର୍ଷ । ଉକ୍ତ ବ୍ୟକ୍ତି ଜଣଙ୍କ BIKASH PRATISTHAN, Jeypore, Dist: Koraput ରେ । ସେ Vizianagaram, Vytala Hotel ରୁ ନିଖୋଜ ଅଛନ୍ତି । ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳୁନାହିଁ । ଯଦି କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ । Smruti Lekha Panda, Resident of N-1, 273, 3rd floor, IRC Villege, Nayapalli, Bhubaneswar-751015

Mob No. 6371786377

## ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ମକର ମେଳା

**ରାଜନଗର, ୧୫।୧(ସମିସ):** ରାଜନଗର ବ୍ଲକର ମୁଖଶାଳା ଗୋସିଗାଁସ୍ଥ ପ୍ରାଚୀନ ଶୈବପୀଠ ଶ୍ରୀଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ବେଢ଼ାରେ ପବିତ୍ର ମକର ସଂକ୍ରାନ୍ତି ଆନନ୍ଦ ଉଲ୍ଲାସ ଓ ଭକ୍ତିଭାବନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମମୁହୂର୍ତ୍ତରୁ ବାବା ଗର୍ତ୍ତେଶ୍ୱର ମହାଦେବଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଭୋର ୫ଟାରେ ମଙ୍ଗଳ ଆରତୀ, ମହାସ୍ନାନ, ସକାଳ ଭୋଗ, ମଧ୍ୟାହ୍ନ ଭୋଗ, ବିଶ୍ରାମ ଓ ସନ୍ଧ୍ୟା ଆଳତି ପ୍ରଭୃତି ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୭ଟା ୧୦ ମିନିଟରେ ମନ୍ଦିର ବେଢ଼ାରେ ସଂକୀର୍ତ୍ତନ, ହରିଧ୍ୱନୀ, ଶଙ୍ଖଧ୍ୱନୀ ଓ ହୁଳହୁଳି ମଧ୍ୟରେ ବାବା ଗର୍ତ୍ତେଶ୍ୱର ଓ ମା' ପାର୍ବତୀଙ୍କ ଚଳନ୍ତି ବିଗ୍ରହଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା। ଠାକୁରଙ୍କ ସେବକ ଅକ୍ଷୟ ମିଶ୍ର ଓ ଜଗନ୍ନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବନୀତି ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଏହି ବେଢ଼ା ପରିକ୍ରମାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ଓ ଗ୍ରାମର ଶ୍ରଦ୍ଧାଳୁ ପରିଚାଳନା କରିଥିଲେ। ସେହିପରି ରାଘବେଶ୍ୱର ମହାଦେବ ମନ୍ଦିର, ନାଥପୁରର ଅଷ୍ଟଶମ୍ଭୁ ମନ୍ଦିର, ଗୋଖଣୀର ଗୋକର୍ଣ୍ଣେଶ୍ୱର ମନ୍ଦିର, ନଛିପଡ଼ାର ମଣିବାବା, କେରେଡ଼ାଗଡ଼ର ବାଲୁଙ୍କେଶ୍ୱର, ରିଘାଗଡ଼ର ମଣିବାବା, ରାଜଗଡ଼ର ନୀଳକଣ୍ଠେଶ୍ୱର, ଚମ୍ପାଦିଆର ସିଦ୍ଧେଶ୍ୱର, ନୁରୁଗାଁ, ବାଳିକଣା ଶାସନ ପ୍ରଭୃତି ଗ୍ରାମର ଶୈବ ପୀଠରେ ମକରବେଢ଼ା ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଜେଜେବାପା ଓ ଜେଜେ ମା' ସମ୍ମିଳନୀ

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ପଞ୍ଚାୟତର ସାନ ମୂଳବସନ୍ତଠାରେ ଜେଜେ ବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ସଂଗ୍ରାମ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରିଣୀ ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁଙ୍କୁ ଭଲ ମଣିଷ କରି ଗଢି ତୋଳିବାରେ ଜେଜେବାପା ଓ ଜେଜେମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସାମାଜିକ ଗଣମାଧ୍ୟମ ଓ ବହୁଳ ମାତ୍ରାରେ ମୋବାଇଲ ବ୍ୟବହାରକୁ ରୋକି ସ୍ନେହ ଶ୍ରଦ୍ଧା ଦେଇ ଶିଶୁଙ୍କୁ ଭଲ ବାଟକୁ ଆଣିବା ପାଇଁ ଜେଜେ ବାପା ଓ ଜେଜେ ମା'ଙ୍କୁ ପରାମର୍ଶ ଦେଇଥିଲେ। ଅରୁଆ କଦଳୀବଣ ଉଚ୍ଚବିଦ୍ୟାଳୟ ପ୍ରାକ୍ତନ ପ୍ରଧାନଶିକ୍ଷକ ଅଶୋକ କୁମାର ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତ ଗଠନରେ ଜେଜେବାପା ଜେଜେମା'ଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ କହିଥିଲେ। ଗୋବିନ୍ଦପୁର ରାଜସ୍ୱ ନିରୀକ୍ଷକ ତଥା ବିଦ୍ୟାମନ୍ଦିର ପ୍ରଥମ ପରିଚାଳନା ସମିତି ସଭାପତି ସରୋଜ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୟୋଜ୍ୟୋଷ୍ଠ ବ୍ୟକ୍ତି ସମାଜର ମାର୍ଗ ଦର୍ଶକ ହୋଇଥିବାରୁ ସେମାନଙ୍କ ମାର୍ଗଦର୍ଶନରେ ବର୍ତ୍ତମାନର ଯୁବପିଢ଼ି ଆଗକୁ ବଢ଼ିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିକ୍ରମଜିତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ବାବୁରାମ ସାହୁ ମଞ୍ଚାସୀନ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସହକାରୀ ଆଚାର୍ଯ୍ୟା ଶିବାନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ନହଙ୍ଗ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ପଞ୍ଚୁପାଣ୍ଡବ, ୧୫।୧(ସମିସ):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ପରିଚାଳନା କମିଟିର ସଭାପତି ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ପୂଜାର୍ଚ୍ଚନା ପରେ ମଣ୍ଡିକୁ ଆନୁଷ୍ଠାନିକ



ଭାବେ ଉଦଘାଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ ଓ ସମ୍ମାନିତ ଅତିଥି ଭାବେ ସମିତିର ପୂର୍ବତନ ସମ୍ପାଦକ ଗୌରାଙ୍ଗ ଚରଣ ପ୍ରଧାନ, ଛୋଟି ଆର୍‌ଆଇ ବିଶ୍ୱବିଜୟୀ ପରିଡ଼ା, ଶ୍ରୀୟାରାଣୀ ରାୟ ଓ ମନ୍ମଥ ସାହୁ ଯୋଗ ଦେଇଥିଲେ। ସମ୍ପାଦକ ଦେବପ୍ରସାଦ ସାହୁ ଧାନ କ୍ରୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମିଲରଙ୍କ ପ୍ରତିନିଧି ତ୍ରୈଲୋକ୍ୟ ରାଉତ, ବଳରାମ ପରିଡ଼ା, ବିଶ୍ୱନାଥ ମଲିକ, ଆଶୁତୋଷ ସିହ୍ନ ଓ ନନ୍ଦକିଶୋର ନାୟକ ଉପସ୍ଥିତ ଥିଲେ। ସମିତିର କର୍ମଚାରୀ ପର୍ଶୁରାମ ମଲିକ, ତ୍ରିଲୋଚନ ଜେନା, ସ୍ମୃତିକାନ୍ତ ପ୍ରଧାନ ଓ ସୁରେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

### ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# 'ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ'

**ରାଜକନିକା, ୧୫।୧(ସମିସ):**



ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ହରେଗୋବିନ୍ଦ ମଡୁଆଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସମାଜ ତିଆରି କରିବାରେ ଶିକ୍ଷକମାନଙ୍କ ଭୂମିକା ଅତୁଳନୀୟ। ଏହିପରି ବିଦ୍ୟାଳୟରୁ ହିଁ ସମାଜ ସଂସ୍କାରକ ତିଆରି ହୋଇଥାନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍, ପ୍ରଶାସକ ଓ ସାହିତ୍ୟ ଏକାଡେମୀ ସଭ୍ୟ ପ୍ରଧାପକ ଅତୁଲ କୁମାର ବଳ ଯୋଗଦେଇ ଦାୟିତ୍ୱବାନ ଉତ୍ତରପିଢି ଗଢି ତୋଳିବାରେ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକାକୁ ଯେତେ ପ୍ରଶଂସା କଲେ ବି କମ୍ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରଶନ୍ନ ନାୟକ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ପୂର୍ବତନ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଆଳି-କନିକା ଉନ୍ନୟନ ପରିଷଦର ସଭାପତି ନିରଞ୍ଜନ ଜେନା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ସ୍ମରଣିକା 'ସଙ୍କଳ୍ପ'କୁ ଅତିଥିମାନେ ଉନ୍ମୋଚନ କରିବା ସହ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଫକୀର ଚରଣ ପ୍ରଧାନ ବିବରଣୀ ପାଠ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ମଲ୍ଲିକ ସଙ୍ଗଠକ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବନ୍ଧୁକ ମୁନରେ ବ୍ୟବସାୟୀଙ୍କଠାରୁ ଟଙ୍କା, ସୁନା ଲୁଟ୍

**କେନ୍ଦ୍ରାପଡ଼ା, ୧୫।୧(ସମିସ):** କେନ୍ଦ୍ରାପଡ଼ାରୁ ଜଳପୋକ ସ୍ଥିତ ନିଜ ଗାଁକୁ ଫେରୁଥିବାବେଳେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ବ୍ୟବସାୟୀ ଜଣଙ୍କ ହେଲେ ଜଳପୋକ ଜଟେଶ୍ୱର ଅଞ୍ଚଳର ବିଳାସ ଚନ୍ଦ୍ର ରାଉଳ। ବିଳାସ ଏବଂ ତାଙ୍କ ବନ୍ଧୁ କରିଲୋପାଟଣାର ପ୍ରକାଶ ଚନ୍ଦ୍ର ରାଉତ ଏକ ବାଇକ୍ ଯୋଗେ କେନ୍ଦ୍ରାପଡ଼ାରୁ ଘରକୁ ଫେରୁଥିଲେ। ସଦର ଥାନା ବସପୁର ନାଳବନ୍ଧ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଏମାନଙ୍କ ବାଇକ୍ ଅଟକାଇ ଏକ ଷ୍ଟିଲ ପାଇପ୍‌ରେ ବ୍ୟବସାୟୀ ବିଳାସଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡକୁ ଆକ୍ରମଣବେଳେ ବିଳାସ ହାତ ଦେଖାଇଥିଲେ। ହାତ ଫାଟିଯିବାରୁ ରକ୍ତାକ୍ତ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ବିଳାସ ପଡ଼ିଯିବାପରେ ପୁଣି ଥରେ ଦୁର୍ବୃତ୍ତ ପାଇପରେ ଆକ୍ରମଣବେଳେ ଅଭିଯୋଗକାରୀ ମାଡ଼ି ବସିଲେ। ଜଣଙ୍କୁ କାବୁବେଳେ ଅନ୍ୟ ଜଣେ ଅଭିଯୁକ୍ତ ବନ୍ଧୁକ ବାହାର କରି ତାଙ୍କ ମୁଣ୍ଡରେ ଲଗାଇ ଟଙ୍କା ମାଗିଥିଲେ। ବିଳାସଙ୍କ ପକେଟରେ ଥିବା ୮ ହଜାର ଟଙ୍କା ଏବଂ ସେ ପିନ୍ଧିଥିବା ଏକ ସୁନାଚେନ ଦୁର୍ବୃତ୍ତ ଜଣଙ୍କ ନେଇଯାଇଥିଲେ। ହେଲେ ବିଳାସ କାବୁ କରିଥିବା ଯୁବକଙ୍କୁ ଆଉ ଛାଡ଼ିନଥିଲେ। ତାଙ୍କ ସହ ମାରପିଟ କରିଥିଲେ। ତାଙ୍କ ବନ୍ଧୁ ପ୍ରକାଶଙ୍କ ସହଯୋଗରେ କାବୁକରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଫଳରେ ବନ୍ଧୁକ ଧରିଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ସଦର ଥାନା ପୁଲିସକୁ ଖବର ଦିଆଯିବାରୁ କାବୁ ହୋଇଥିବା ଯୁବକଙ୍କୁ ପୁଲିସ ନେଇ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ବ୍ୟବସାୟୀ ବିଳାସ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

### ବର୍ଦ୍ଧିତ ଭତ୍ତା ପ୍ରଦାନ ସମାରୋହ

## ଜିଲ୍ଲାର ୨୬୫୮୪ ଜଣ ହିତାଧିକାରୀ ପାଇବେ ଭତ୍ତା

**କେନ୍ଦ୍ରାପଡ଼ା, ୧୫।୧(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ



ଜନସେବା ଦିବସ ଭାବେ ପାଳିତ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଭତ୍ତା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା, କେନ୍ଦ୍ରାପଡ଼ାର ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଭିନ୍ନକ୍ଷମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ ଦାସ, ସଦର ମହକୁମା ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ବେହୁରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସୁଦୀପ୍ତା ମହାପାତ୍ର ଓ ଜିଲ୍ଲା ତଥା ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଓ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମକର୍ତ୍ତା ସାହାଯ୍ୟ କରିଥିଲେ। ବଧିର ବ୍ୟକ୍ତିଙ୍କୁ ସାଙ୍କେତିକ ଭାଷା ଦ୍ୱାରା ଅନୁବାଦିକା ଶିବାନୀ ଶୁଭଲକ୍ଷ୍ମୀ ଭୋଳ ବୁଝାଇଥିଲେ। ଏଥିରେ ୬୦ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ବଣ୍ଟନ କରିଥିଲେ। ସବୁ ବ୍ଲକରେ ଅନ୍ୟ ସମସ୍ତଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ୨୬୫୮୪ ଜଣ ଯୋଗ୍ୟ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇ ଉପକୃତ ହେବେ। ଏସମସ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡ଼ା ପରିଚାଳନା କରିଥିଲେ। ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂରଣ ହେଲା ଅଭିଭାବକ ମହାସଂଘ ଦାବି

## ଆଦର୍ଶ ବିଦ୍ୟାଳୟ ନିଜସ୍ୱ କୋଠାରେ ପାଠପଢ଼ା ଆରମ୍ଭ

**ରାଜକନିକା, ୧୫।୧(ସମିସ):** ରାଜକନିକା ଆଦର୍ଶ ବିଦ୍ୟାଳୟର ନିଜସ୍ୱ ନୂଆ କୋଠାରେ ଆଜି ଆରମ୍ଭ ହୋଇଛି ପାଠପଢ଼ା। ଦୀର୍ଘଦିନର ଲଢ଼େଇ ପରେ ଆଜି ଅଭିଭାବକ ମହାସଂଘ ଖୁସି ହୋଇଛି। ଦୁଇବର୍ଷରୁ ଅଧିକ ସମୟ ଧରି ନିଜସ୍ୱ ବିଲଡ଼ିଂରେ ପାଠପଢ଼ା ପାଇଁ ଦାବି କରିଥିବା ଅଭିଭାବକ ନିଜ ନିଜ ପିଲାଙ୍କୁ ନୂଆ ବିଲଡ଼ିଂରେ ପଢ଼ିବା ଦେଖି ଖୁସି ହୋଇଛନ୍ତି। ନିଜସ୍ୱ ବିଲଡ଼ିଂ ଥାଇ ପିଲାମାନେ ଅନ୍ୟ ସ୍କୁଲରେ ଦୀର୍ଘ ୩ ବର୍ଷ ଧରି ପର ସ୍କୁଲରେ



ପଢ଼ୁଥିଲେ। ଗତ ୭ ତାରିଖ ଦିନ ଏହାର ସ୍ଥିତି ଅନୁଧ୍ୟାନ କରିବାକୁ ଓଏଭିର ନିର୍ମାଣ ବିଭାଗ ମୁଖ୍ୟ ସହକାରୀ ଯନ୍ତ୍ରୀ ଆସିଥିଲେ। ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୬ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍କୁଲ ବିଲ୍ଡିଂ ୨୦୨୩ ଜୁନ ମାସରେ ଆଭାସୀ ମାଧ୍ୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନର ଦୁଇବର୍ଷ ପରେ ବି ନୂଆ ବିଲଡ଼ିଂରେ ପାଠପଢ଼ା ହୋଇ ପାରୁ ନ ଥିଲା। କନିକା ସଦର ଗାର୍ଲସ ହାଇସ୍କୁଲରେ ଚାଲିଥିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଓଏଭିର ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ବୀରେନ୍ଦ୍ର ବିଶ୍ୱାଳ ଆସି ସମସ୍ୟାର ଅନୁଧ୍ୟାନ ପରେ ଆଜି ନୂଆ ବିଲଡ଼ିଂରେ ପାଠପଢ଼ା ହେବାକୁ ଘୋଷଣା କରିଥିଲେ। ତଦନୁସାରେ ଆଜି ପୂର୍ବାହ୍ନରେ ଏହି ବିଲଡ଼ିଂରେ ପ୍ରିନ୍ସିପାଲ ଫିତା କାଟି ପିଲାଙ୍କୁ ବିଦ୍ୟାଳୟରେ ପ୍ରବେଶ କରାଇ ଶିକ୍ଷାଦାନ କରିଛନ୍ତି। ରାଜକନିକା ଅଚିନ୍ତାରେ ପ୍ରତିଷ୍ଠା ହୋଇଥିବା ନୂଆ ବିଲଡ଼ିଂରେ ଆଜି ପ୍ରବେଶ ଉତ୍ସବରେ ପ୍ରିନ୍ସପାଲ ଜୟଦେବ ଦେ, ସମସ୍ତ ଶିକ୍ଷକ, ଅଭିଭାବକ ସଂଘ ସଭାପତି ସୁନୀଲ ନାୟକ, ସମ୍ପାଦକ ଦିଲ୍ଲୀପ ରାଉତ, ମାନସ ନାୟକ, ରୀନାରାଣୀ ପରିଡ଼ା, ଧନୁର୍ଜୟ ଦାସ, ସଂଯୋଜକ ପଙ୍କଜ ଦାସ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ମଣ୍ଡି ଉଦ୍‌ଘାଟନର ୫ଦିନ ପରେ ବି କିଣାଯାଉନି ଧାନ

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ):** ସମ୍ପ୍ରତି ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ଅଧୀନରେ ଥିବା ୧୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଖୋଲାଯାଇନି। ଇତି ମଧ୍ୟରେ ଚାଷୀ ଟୋକନ ପାଇସାରିଥିଲେ ମଧ୍ୟ ଅମଳ ଧାନକୁ ବିକ୍ରି କରି ପାରୁନାହାନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଗତ ୧୦ ତାରିଖ ଦିନ ଜିଲ୍ଲାସ୍ତରୀୟ ମଣ୍ଡି କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟଠାରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ପଟ୍ଟାମୁଣ୍ଡାଇର ୧୨ଗୋଟି ପ୍ରାଥମିକ କୃଷି ସମବାୟ ସମିତିରେ ଅଦ୍ୟାବଧି ମଣ୍ଡି ଖୋଲିନଥିବାରୁ ଜିଲ୍ଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ ପ୍ରହସନ ପାଲଟିଛି। ଅନ୍ୟପଟେ ଦଲାଲଙ୍କ ହାତକୁ ଅଧା ରେଟ୍‌ରେ ଧାନ ଦେଉଛି ଚାଷୀ। ପଟ୍ଟାମୁଣ୍ଡାଇର ୧୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତିରେ କର୍ମଚାରୀ ନିଯୁକ୍ତ ହୋଇ ନଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିରେ ଧାନ ବିକ୍ରି ହୋଇପାରୁନାହିଁ। ଏଥିସହ ଗୋଦାମଠାରୁ ଆରମ୍ଭ କରି ଧାନଖଳା ପର୍ଯ୍ୟନ୍ତ କୌଣସି ଭିତ୍ତିଭୂମି ନାହିଁ। ଫଳରେ ସରକାରୀ ଘୋଷଣା ଧୂଆଁବାଣ ପାଲଟିଛି। ଟୋକନ ମିଆଦ ପୁରିବାକୁ ବସିଥିବାବେଳେ ଚାଷୀ ମୁଣ୍ଡରେ ଏବେ ଚଡ଼କ ଅବଧି ସରିଲେ ଧାନ କିଣାଯିବ କି ନାହିଁ। ଏନେଇ ଚାଷୀ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ତୁରନ୍ତ ଧାନ କିଣାଯିବାକୁ କୃଷକ ନେତା ସୂର୍ଯ୍ୟକାନ୍ତ ନାୟକ, ମିଳନ କୁମାର ଦାସ, ତ୍ରିଲୋଚନ ପଣ୍ଡା, ସୂରଥ ମହାନ୍ତି, ପାରେଶ୍ୱର ବିଶ୍ୱାଳ, ଜଗନ୍ନାଥ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

### ଇସି ମହିଳାଙ୍କ ନିଯୁକ୍ତି ସ୍ଥାୟୀ ପାଇଁ ଦାବି

## ଗୋଜବାୟାଣୀ ପୀଠରେ ଶପଥ ନେଲା ମହିଳା ମହାସଂଘ

**ମାର୍ଶାଘାଇ, ୧୫।୧(ସମିସ):** ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଗ୍ରାମ, ଆଞ୍ଚଳିକ ସ୍ତରରୁ ପଞ୍ଚାୟତ, ବ୍ଲକ ଜିଲ୍ଲାସ୍ତର ପର୍ଯ୍ୟନ୍ତ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ଇସି ମେମ୍ବର ଏବଂ କର୍ମକର୍ତ୍ତାମାନେ ବିନା ପାରିଶ୍ରମିକରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ



କରିଆସୁଛନ୍ତି। ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାର ଇସିମେମ୍ବର ମହିଳାମାନେ ପୁନର୍ବାର ଦାବି କରିଛନ୍ତି। ତୁଳସୀକ୍ଷେତ୍ର ଇସି ମହାସଂଘ ପକ୍ଷରୁ ମାର୍ଶାଘାଇ ବାଘଡ଼ିଆ ଗୋଜବାୟାଣୀ ପୀଠରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଭୁବନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଇସି ମେମ୍ବରମାନଙ୍କ ବାର୍ତ୍ତାକୁ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ। ବିଭିନ୍ନ ବ୍ଲକରୁ ଇସି ମେମ୍ବର ମହିଳା ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାକାଳପଡ଼ା ଆଦି ବ୍ଲକରେ ଇସି ମେମ୍ବରମାନେ ଦୀର୍ଘ ୧୫ବର୍ଷରୁ ଅଧିକ ହେବ ବିନା ପାରିଶ୍ରମିକରେ କାର୍ଯ୍ୟ କରି ସ୍ଥାୟୀ ନିଯୁକ୍ତି ପାଇଁ ଆଶା ବାନ୍ଧି ବସିଥିଲେ ବି ଏବେ ସରକାରୀ ଚିଠି ସେମାନଙ୍କ ଆଶାରେ ପାଣି ପୁରାଇ ଦେଇଛି ବୋଲି ମହାକାଳପଡ଼ା ମହାସଂଘ ସମ୍ପାଦିକା ପ୍ରତିମା ଦାସ କ୍ଷୋଭର ସହିତ କହିଥିଲେ। ତୁଳସୀକ୍ଷେତ୍ର ଇସି ମହାସଂଘର ଜିଲ୍ଲା ସଭାନେତ୍ରୀ ବନିତା ବାରିକ, ସମ୍ପାଦିକା ଉର୍ମିଳା ମନ୍ତ୍ରୀ, ରେବତୀ ପ୍ରଧାନ, ଉଷାରାଣୀ ନାୟକ, ପ୍ରତିମା ବିଶ୍ୱାଳ, ବସୁମତୀ ମାଇତି, ତନୁଶ୍ରୀ ସ୍ୱାଇଁ, ନିରୁପମା ସ୍ୱାଇଁ, ଜ୍ୟୋସ୍ନାମୟୀ ସ୍ୱାଇଁ, କୁସୁମଲତା କବି, ରଶ୍ମିତା ସ୍ୱାଇଁ, ଅର୍ଚ୍ଚନା ନାୟକ, କନକଲତା ପୃଷ୍ଟି, ରୀତାଞ୍ଜଳୀ ଲେଙ୍କା, ନୀଳିମା ନାୟକ, ରୁବିନା ସ୍ୱାଇଁ, କଲ୍ୟାଣୀ ରାଉତଙ୍କ ସମେତ ବିଭିନ୍ନ ବ୍ଲକର ଇସି ମେମ୍ବର, କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପଦେଷ୍ଟା ସୁବ୍ରତ କୁମାର ରାଉତ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନିଯୁକ୍ତି ସ୍ଥାୟୀ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ମହାସଂଘ ଚେତାବନୀ ଦେଇଛି।

### ମୃତ ଶ୍ରମିକଙ୍କ ପରିବାରକୁ ଭେଟିଲେ ସଂଘ ପ୍ରତିନିଧି

**ଡେରାବିଶ, ୧୫।୧(ସମିସ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ନିର୍ମାଣ ଶ୍ରମିକ ସ୍ମୃତିକାନ୍ତ କାମିଲାଙ୍କ ଆକସ୍ମିକ ପରଲୋକ ଘଟିଛି। ଖବର ପାଇ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ସହିତ ସଂଘର ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତା ଦଳ ଏକାଠି ହୋଇ ସ୍ୱର୍ଗତ କାମିଲାଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କର ପତ୍ନୀ ସସ୍ମିତା କାମିଲା, ପୁଅ ରୁଷିକାନ୍ତ ଝିଅ ସଙ୍ଗିତା, ଅଙ୍କିତାଙ୍କୁ ସାନ୍ତ୍ୱନା ଦେଇଥିଲେ।

## କାଉପଡ଼ା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଡେରାବିଶ, ୧୫।୧(ସମିସ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେରାବିଶ ଅତିରିକ୍ତ ତହସିଲଦାର ବିଶ୍ୱମୋହନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡିକୁ ଆନୁଷ୍ଠିନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କାଉପଡ଼ା ରାଜସ୍ୱ ନିରୀକ୍ଷକ ସାଇଦର୍ଶିନୀ ଲେଙ୍କା, ସହକୃଷି ଅଧିକାରୀ ଆଶୁତୋଷ ସାହୁ ପ୍ରମୁଖ ଉପସ୍ଥିତ ରହି କିପରି ମଣ୍ଡିରେ ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀ ରାମଚନ୍ଦ୍ର ନାୟକ, ବାଳକୃଷ୍ଣ ସେଠୀ, ହେମନ୍ତ କୁମାର ନାୟକ, ଝରି ସେଠୀ, ଧାନକିଣା କମିଟି ମେମ୍ବର ଲକ୍ଷ୍ମୀଧର ମହାପାତ୍ର, ଦୀପକ କୁମାର ବେହେରା, ନିତାଇ ଚରଣ ପ୍ରଧାନ, ରମେଶ ଚନ୍ଦ୍ର ଦାଶ, ଗୋପାଳ ଚନ୍ଦ୍ର ଲେଙ୍କା ଏବଂ ପରିଚାଳନା ପରିଷଦର ସଭ୍ୟସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମିତିରେ ଚଳିତ ବର୍ଷ ୪୬୫ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ସୋମବାର, ବୁଧବାର ଏବଂ ଶନିବାର ଧାନ କ୍ରୟ କରାଯିବ ବୋଲି ସମ୍ପାଦିକା ସୁମନ ସଙ୍ଗିତା ଦାସ ପ୍ରକାଶ କରିଥିଲେ।

## ପୁଅର ନିଖୋଜ ନେଇ ଥାନାରେ ଅଭିଯୋଗ



**ଡେରାବିଶ, ୧୫।୧(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ଗ୍ରାମର ପ୍ରସନ୍ନ ଦାସଙ୍କ ପୁଅ ପ୍ରତୀକ ନିଖୋଜ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବାପା। ତାଙ୍କ ଅଭିଯୋଗ ଅନୁଯାୟୀ ପ୍ରତିକ +୨ ବିଜ୍ଞାନ ଛାତ୍ର। ଗତକାଲି ସକାଳେ ସେ ଚାନ୍ଦୋଳ କଲେଜଛକସ୍ଥିତ ଏକ କୋଚିଂ ସେଣ୍ଟରକୁ ପ୍ରତିଦିନ ଭଳି ଯାଇଥିବାବେଳେ ସନ୍ଧ୍ୟାସୁଦ୍ଧା ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ପ୍ରତୀକଙ୍କର କୌଣସି ସନ୍ଧାନ ନମିଳିବାରୁ ସନ୍ଧ୍ୟାରେ ପ୍ରସନ୍ନ ସଦର ଥାନାରେ ଅଭିଯୋଗ କରିଛନ୍ତି।

## ବଡ଼ମୂଳବସନ୍ତ ୟୁଓ୍ୱାଇସି ଚାଲେଞ୍ଜ ଟ୍ରଫି; ନୀଳକଣ୍ଠପୁର ଚାମ୍ପିଅନ୍

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ):**




ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ୟୁନାଇଟେଡ୍ ୟୁଥ କ୍ଲବ ପକ୍ଷରୁ ୪୦ବର୍ଷରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନେଇ ଆୟୋଜିତ ୟୁଓ୍ୱାଇସି ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ବାଲିପଡ଼ା ଓ ନୀଳକଣ୍ଠପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିପଡ଼ା ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ୱିକେଟ ହରାଇ ୮୭ ରନ କରିଥିଲା। ଜବାବରେ ନୀଳକଣ୍ଠପୁର ୬ ଓଭରରେ ୪ ୱିକେଟ ହରାଇ ବାଲିପଡ଼ା କ୍ରିକେଟ ଟିମକୁ ପରାଜିତ କରି ଚଳିତବର୍ଷର ଚାମ୍ପିଅନ୍ ହୋଇଛି।

ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟବକ୍ତା, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମିତିସଭ୍ୟା ସ୍ମୃତିମୟୀ ମଲିକ, ପୂର୍ବତନ ସମିତିସଭ୍ୟ ଅଜୟ ପ୍ରଧାନ ଓ କଳ୍ପତରୁ ଦାସ, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର ଓ ଅକ୍ଷୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଡ଼ମୂଳବସନ୍ତ ପଞ୍ଚାୟତ ନିତାଇ ଚୈତନ୍ୟ ହାଇସ୍କୁଲ ପଡ଼ିଆର ଉନ୍ନତିକରଣ ସହ ଆଲୋକୀକରଣ ପାଇଁ ବିଭିନ୍ନ ସୂତ୍ରରୁ ଆବଶ୍ୟକ ଅନୁଦାନ ଯୋଗାଇ ଦେବାକୁ ବିଧାୟକ ଶ୍ରୀବେହେରା ଓ ବିଧାୟକ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ବଡ଼ମୂଳବସନ୍ତ ୟୁନାଇଟେଡ୍ ୟୁଥ କ୍ଲବ ସଭାପତି ସଂଗ୍ରାମ ସ୍ୱାଇଁ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ବିଜୟୀ ନୀଳକଣ୍ଠପୁର କ୍ରିକେଟ ଟିମ୍‌କୁ ଚମ୍ପିଅନ୍ ଟ୍ରଫି ଓ ବାଲିପଡ଼ା କ୍ରିକେଟ ଟିମକୁ ରନର୍ସ କପ ପ୍ରଦାନ କରିଥିଲେ। ଶେଷରେ ଅଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜା ସଂଘର ଧାରଣା

ଅନୁଗୋଳ ୧୫।୧ (ସମିସ)

ନାଲ୍‌କୋ କ୍ଷତିଗ୍ରସ୍ତଙ୍କୁ ଅଣଦେଖା ଯୋଗୁଁ ସାଧାରଣରେ ଆସନ୍ତୋଷ ସୃଷ୍ଟି କରିଛି। ଆଜି ଏହି କାରଣରୁ ତାଳଚେର ଅନୁଗୁଳ ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଅନୁଗୁଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଆରମ୍ଭ ହୋଇଛି। ପ୍ରଜା ସଂଘର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲଙ୍କ ଅନୁସାରେ ନାଲକୋ ସ୍ୱତନ୍ତ୍ର ଭୁ ଅର୍ଜନ ଅଧିକାରୀ ୨୦୦୬ ରୁ ୨୦୦୮ ଏବଂ ୨୦୦୮ ରୁ ୨୦୧୦ ମଧ୍ୟରେ ଦ୍ୱିତୀୟ, ତୃତୀୟ ବ୍ୟାଚର କ୍ଷତିଗ୍ରସ୍ତ ପରିବାରର ୧୯୮ ଜଣ ଯୁବକ ଯୁବତୀଙ୍କୁ ଆଇଟିଆଇ ଟ୍ରେନିଂ ଦେବାର ସୁବିଧା କରିଥିଲେ। କିନ୍ତୁ ଟ୍ରେନିଂ ପରେ ପ୍ରଥମ, ଦ୍ୱିତୀୟ ବ୍ୟାଚ ଭଳି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନଥିଲା। ଏହାପରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା




ପରେ କୋର୍ଟ ରିଟ ପିଟିସନ ନଂ ୧୯୬୨୨/୨୦୧୦ ଉପରେ ତୃତୀୟ ଓ ଚତୁର୍ଥ ବ୍ୟାଚର ଆଇଟିଆଇ ଧାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ସତ୍ତ୍ୱେ ନାଲ୍‌କୋ ଓ ଜିଲ୍ଲା ପ୍ରଶାସନ ବାରମ୍ବାର କ୍ଷତିଗ୍ରସ୍ତ ପ୍ରଜାଙ୍କ ସହ ପ୍ରତାରଣା କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ଦିନର ବ୍ୟବଧାନ ପରେ ନାଲକୋ ବିଭିନ୍ନ ପଦ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ଦେଇଥିବା ବେଳେ ୨୦.୧୨. ୨୪ ତାରିଖର ବିଜ୍ଞାପନକୁ ବାତିଲ କରି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସେ ସ୍ଥାନରେ ନିଯୁକ୍ତି ଦେବାକୁ ଦାବି କରିଛନ୍ତି ସଂଘ। ସଂଘ ପକ୍ଷରୁ ଏଥିପାଇଁ ଆଜି ଏକ ରାଲି ବାହାର କରାଯାଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଓ ଗଣ ଧାରଣା ଆରମ୍ଭ କରାଯାଇଛି। ନାଲକୋ କର୍ତ୍ତୃପକ୍ଷ ଓ ପ୍ରଶାସନର ଖାମ ଖିଆଲି ନୀତି ଓ ଅବହେଳା କୁ ସଙ୍ଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।"

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ସାତକୋଶିଆ ୧୫।୧(ସମିସ):** ଅନୁଗୋଳ ବ୍ଲକ ଟାଇଁସି ପଞ୍ଚାୟତ ଅନ୍ତର୍ଗତ ଟାଇଁସି ସମବାୟଠାରେ ମାଣ୍ଡିଆ ମଣ୍ଡି ଉଦଘାଟନ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ଅନୁଗୋଳ ଜିଲ୍ଲାପାଳ ଅବଦାଲ ମହମଦ ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମାଣ୍ଡିଆ ଦ୍ୱାରା କେକ୍, ବିସ୍କୁଟ , ଜୁସ୍ ଇତ୍ୟାଦି ତିଆରି କରି ଖାଇବା ଦରକାର ବୋଲି ଜିଲ୍ଲାପାଳ କହିଥିଲେ।



ଏହି ଅବସରରେ ସମସ୍ତ ଯନ୍ତ୍ରପାତୀ ସେ ବୁଲି ଦେଖିଥିଲେ। ଡିଆରସିସି ଦୁଖିଆ ଟୁଡୁ , ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଏଡିଓ ପ୍ରମୋଦ କୁମାର ପଣ୍ଡା , ବିଡ଼ିଓ ବିଶ୍ୱଭୂଷଣ, ବ୍ଲକ କୃଷି ଅଧିକାରୀ ଭାଗିନୀ ନିବେଦିତା , ଏବିଡିଓ ଧରମ ରାଜ ପରିଡ଼ା, ଭାଜପା ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଏଫଇଏସ ମୁଖ୍ୟ ଦ୍ରୋଣ କୁମାର ଚନ୍ଦାକାର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ, ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଟାଇଁସି, ଅନ୍ଧୁଲିଆ, କଠୋଭୂଇଁ ସରପଞ୍ଚ ଓ ସମିତି ସଭ୍ୟା ଉପସ୍ଥିତ ରହି ଏହି କ୍ରାଯ୍ୟକ୍ରମରେ ସହଯୋଗ କରିଥିଲେ । ସମବାୟ ସମିତିର ସଭାପତି ସମ୍ପାଦକ ଉପସ୍ଥିତ ରହିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କାମାକ୍ଷାନଗର,୧୫ ।୧(ସମିସ):** କାମାକ୍ଷାନଗର ବ୍ଲକ ତୁମୁସିଂହା ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନ୍ୟତମ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି



ଭୂଷଣ ପ୍ରଧାନ, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ପ୍ରମୁଖ ଯୋଗଦେଇଥିଲେ। ସନମାନିତ ଅତିଥି ଭାବେ ବିଦ୍ୟାଳୟ ର ପୂର୍ବତନ ସଭାପତି ପ୍ରମୋଦ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ କାମାକ୍ଷାନଗର ସଂକୁଳ ପ୍ରମୁଖ ଜ୍ଞାନ ରଞ୍ଜନ ମିଶ୍ର, ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସଭାପତି ସଲିଳ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଏକ ସଭା ଆୟୋଜନ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟ ର ଛାତ୍ର, ଛାତ୍ରୀ ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶେଷରେ ବିଦ୍ୟାଳୟ ର ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ର ସମ୍ପାଦକ ଗଗନ ବିହାରୀ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟକ୍ଷ ଶୁଭଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିବା ବେଳେ ଗ୍ରାମବାସୀ ମାନେ ମଧ୍ୟ ସହଯୋଗ କରିଥିଲେ ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ବଇଣ୍ଡା,୧୫ ।୧(ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଧଉରାଗୋଠ ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ସୁଦର୍ଶନ ପ୍ରଧାନ ( ୯୫) ଙ୍କର ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ସମ୍ପର୍କରେ ଖବର ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମୃତ ଅପରେଟରଙ୍କ ପରିବାରକୁ ସହାୟତା

**କାମାକ୍ଷାନଗର,୧୫ ।୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ବିରାଶାଳ ଗ୍ରାମର ଯୁବ ଅପରେଟର ପ୍ରଶାନ୍ତ ଖଟୁଆଙ୍କର ଗତ ଜାନୁଆରୀ ୧ ତାରିଖ ଦିନ ଅକାଳ ବିୟୋଗ ହୋଇଛି। ପରିବାରର ଏଭଳି ଦୁଃଖଦ ସମୟରେ ପ୍ରଶାନ୍ତଙ୍କ ପରିବାର ପାଇଁ ସହାୟତାର ହାତ ବଢ଼ାଇଛି ଓଡ଼ିଶା ଅପରେଟେର ମହାସଙ୍ଘ। ଓଡ଼ିଶା ଅପରେଟର ମହାସଙ୍ଘ ଢେଙ୍କାନାଳ ଜିଲ୍ଲା ଶାଖା ପକ୍ଷ ରୁ ଜିଲ୍ଲାର ସମସ୍ତ ଅପରେଟର ମାନେ ବିରାଶାଳ ଠାରେ ଏକତ୍ରିତ ହୋଇ ମୃତ ପ୍ରଶାନ୍ତଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ପ୍ରଶାନ୍ତଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସହାୟତା ପ୍ରଦାନ ଅବସରରେ ଓଡିଶା ଅପରେଟର ମହାସଙ୍ଘ ଢେଙ୍କାନାଳ ଜିଲ୍ଲା ସଙ୍ଘ ସଭାପତି ଗଣେଶ୍ୱର ନାୟକ, ଉପସଭାପତି ସୁଦାମ ବାରିକ, ସମ୍ପାଦକ ଶ୍ରୀଧର ମହାନ୍ତ, କୋଷାଧ୍ୟକ୍ଷ ପିଣ୍ଟୁ ସାହୁ,ରାଜ୍ୟ କମିଟି ସଦସ୍ୟ ତାପସ କୁମାର ସାହୁ, ଜିଲ୍ଲା ସଙ୍ଘ ସଦସ୍ୟ ସଞ୍ଜୟ କୁମାର ମହାନ୍ତ,ରଶ୍ମିରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ମଣ୍ଡିରୁ ମିଲର ନେଉନି ଧାନ

## ୨ ଦିନ ହେଲ ଧାନକୁ ଜଗି ରହିଛନ୍ତି ଚାଷୀ



**କିଶୋରନଗର,୧୫।୧(ସମିସ):** ଧାନକୁ କଟ୍‌ନୀ ଛଟ୍‌ନୀ ନକରି ଚାଷୀଙ୍କ ଠାରୁ ମିଲରମାନେ କ୍ରୟ କରିବେ ବୋଲ ସରକାର କହୁଥିଲେ। ହେଲେ ଅନଗୁଳ ଜିଲ୍ଲା କିଶୋରନଗର ବ୍ଲକ ରଣିଆକଟା ମଣ୍ଡିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତକାଲି ଏହି ମଣ୍ଡିରୁ ୧୭ ଜଣ ଚାଷୀଙ୍କ ୬୩୪କ୍ୱିଣ୍ଟାଲଧାନକ୍ରୟପାଇଁମାଧପୁରରମାହେଶ୍ୱରୀମିଲରଚାଷୀଙ୍କଧାନକ୍ରୟନକରି ଟ୍ରକ ନେଇ ପଳାଇଥିଲା ।ଯାହାକି ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ।ଚାଷୀ ତାର ଧାନକୁ ମଣ୍ଡିରେ ଶୀତକାକରରେ ଉଜାଗର ରହି ୨ଦିନ ହେଲା ପଡ଼ି ରହିଛି ।ହେଲେ ପ୍ରଶାସନିକ ଅଧିକାରୀ ମଧ୍ୟ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ପାଇଁ ଠୋସ ପଦକ୍ଷେପ ନଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଦାମ ବାବୁଙ୍କ ବିୟୋଗରେ ଶୋକସଭା

**ତାଳଚେରସଦର,୧୫।୧(ସମିସ):** ତାଳଚେର ପୌରପରିଷଦର କର୍ମଚାରୀ ଦାମଦର ଗଜେନ୍ଦ୍ରଙ୍କର ଗତ ୧୩ ତାରିଖରେ ପରଲୋକ ହୋଇଯାଇଛି। ଆଜି ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକ ସଭା ନଗରପାଳ ପବିତ୍ର ଭୁତିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦାମ ବାବୁ ଅମିନ ଭାବେ ନିଜର କାର୍ଯ୍ୟ ଭାର ଗ୍ରହଣ କରି ଦୀର୍ଘ ୩୦ବର୍ଷ ହେବ ତାଳଚେର ପୌର ପରିଷଦ ରେ ଜଣେ ସୋଟୋଟ କର୍ମଚାରୀ ଭାବେ ନିଜର ଦାୟିତ୍ୱ ସୁଚାରୁ ରୁପେ ତୁଲାଇ ଏକ ପରିଚୟସୃଷ୍ଟି କରିଥିଲେ। ୧୩ ତାରିଖରେ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୬ବର୍ଷ ହୋଇଥିଲା। ନଗରପାଳ ପବିତ୍ର ଭୁତିଆ, ନିର୍ବାହି ଅଧିକାରୀ ବଳୟ ଦେହୁରୀ, ପୌର ପରିଷଦ ସମସ୍ତ କାଉନସିଲର, ଇଞ୍ଜିନିୟର ଗୋଲେଖ ସାହୁ, ବଡବାବୁ ଚିତ୍ତରଞ୍ଜନ ପ୍ରଧାନ, ଦଣ୍ଡଧର ଗଡ଼ନାୟକ, ଶିବାଶୀଷ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

## ବେଦ ପାରାୟଣ ଯଜ୍ଞ ଓ ବାର୍ଷିକ ଉତ୍ସବ

**କଣିହାଁ,୧୫ ।୧(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ବେଦ ଭବନର ୫୧ କୁଣ୍ଡୀୟ ବେଦ ପାରାୟଣ ଯଜ୍ଞ ଓ ୪୯ ତମ ବାର୍ଷିକୋତ୍ସବ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ପ୍ରତ୍ୟୁଷରେ ଜାଗରଣ ମନ୍ତ୍ର ପରେ ଓମ୍ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଦିନ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବେଦ ପାରାୟଣ ଯଜ୍ଞ ଓ ଭାଜନୋପଦେଶ ସହ ସନ୍ଧ୍ୟା ଉପାସନା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁକୁଳ ଆଶ୍ରମର ମୁଖ୍ୟାଧିଷ୍ଠାତା ଓ ଶିବାନନ୍ଦ ତପୋଭୂମୀର ପ୍ରତିଷ୍ଠାତା ଆଚାର୍ଯ୍ୟ ଦେବବ୍ରତଜୀଙ୍କ ପୌରାହିତ୍ୟରେ ରେଙ୍ଗାଳି ଦୟାନନ୍ଦ ବୈଦିକ ସାଧନ ଆଶ୍ରମର ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀ, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ, ବ୍ରହ୍ମଚାରୀ ବିଭୂତିଜୀ, ଶ୍ରୀକାନ୍ତ ବ୍ରହ୍ମଚାରୀଜୀ ପ୍ରମୁଖ ବିଦ୍ୱାନ ଯୋଗଦେଇ ବେଦ ପାରାୟଣ ଯଜ୍ଞ ଓ ପ୍ରବଚନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବେଦ ଭବନର ସଭାପତି ତଥା ଅଧିକ୍ଷଣ ଯନ୍ତ୍ରୀ ସୁରୋଜ ପାତ୍ର ଓ ତାଙ୍କ ସହଧର୍ମିଣି ପ୍ରାଚୀ ସାହୁ ଯଜ୍ଞ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ଗଣେଶ ଖୋଲାରେ ମକର ମେଳା



**ଗଁଦିଆ,୧୫।୧(ସମିସ):** ଗଁଦିଆ ବ୍ଲକ ଅର୍ନ୍ତଗତ କରମୂଳ ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ଗଣେଶ ଖୋଲା ପରିସରରେ ମକର ପର୍ବ ପାଳିତ ହୋଇଯାଇଛି। ବହୁ ପୁରାତନ ଶ୍ରୀ ଗଣେଶ ମନ୍ଦିରରେ ପ୍ରତ୍ୟୁଷରୁ ପୂଜା ପାଠ କରାଯାଇ ଖିର, ଦହି, ମହୁ, ଗୁଡ, ଘୃତ, କଦଳୀ ବିଭିନ୍ନ ସୁବାସିତ ମହଲା ମିଶ୍ରିତ ନୂତନ ଅରୁଆ ଚାଉଳରେ ପ୍ରସ୍ତୁତ ମକର ଚାଉଳକୁ ପ୍ରସାଦ ରୂପେ ଅପଣ କରାଯିବାପରେ ସର୍ବ ସାଧାରଣରେ ବିତରଣ କରାଯାଇଥିଲା। ଏଥିରେ କର୍ତ୍ତା ରୂପେ ବିଚିତ୍ରାନନ୍ଦ ପାଣିଗ୍ରାହୀ ଏବଂ ମୁଖ୍ୟ ପୁରୋହିତ ଅଚ୍ଯୁତା ନନ୍ଦ ମିଶ୍ର ସମେତ ୬ଜଣ ସହଯୋଗୀ ଯଜ୍ଞ କାଯ୍ୟ ସମାପନ କରିଥିଲେ। ସେହିପରି ପାଶ୍ୱର୍ସ୍ଥ ମହାବୀର ଆଶ୍ରମ ପରିସରରେ ଥିବା ଶ୍ରୀରାମ ମନ୍ଦିର ଓ ହନୁମାନ ମନ୍ଦିରରେ ମହନ୍ତ ବନବୀହାରୀ ଦାସଜୀ ମହାରାଜାଙ୍କ ଦ୍ୱାରା ମକର ଚାଉଳ ମନ୍ଦିର ରେ ଅର୍ପଣ କରାଯାଇ ବିତରଣ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତ ପହଞ୍ଚି ଠାକୁର ଦର୍ଶନ କରିବା ସହିତ ମକର ଚାଉଳ ପାଇଥିଲେ। ନାମ ସଂକୀର୍ତ୍ତନ, ଭଜନ କୀର୍ତ୍ତନ ଚାଲିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଯୋରନ୍ଦା ଫାଣ୍ଡିର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ପାଣିଖୋଲରେ ମକର ମେଳା

**କାମାକ୍ଷାନଗର, ୧୫।୧(ସମିସ):** କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ପାଣିଖୋଲରେ ମକର ମେଳା ଅନୁଷ୍ଠିତ। ଗାଁଠାରୁ ସହର ସବୁଠି ମକର ପାଇଁ ଚଳଚଞ୍ଚଳ ଥିବାବେଳେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ପଞ୍ଚାୟତର ଜଙ୍ଗଲ ଭିତରେ ଅବସ୍ଥିତ ପାଣିଖୋଲରେ ମକର ମେଳା ଅନୁଷ୍ଠିତ ।ଏଠାରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ବିଧାୟକ ବିଭୁତି ପ୍ରଧାନ ଉପସ୍ଥିତ ରହିଥିଲେ ।ସେଠାରେ ଥିବା ମନ୍ଦିର ଓ ରାସ୍ତାର ଉର୍ଣ୍ଣତି କରଣ କରାଯିବ ବୋଲି ଉଭୟ ସାଂସଦ ଓ ବିଧାୟକ କହିଥିଲେ ।ଏଠାରେ ମକର ମେଳା ପଡିବା ସହିତ ଅଞ୍ଚଳରୁ ଆସିଥିବା ଶତାଧିକ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ମକର ମହୋତ୍ସବ



**ଢେଙ୍କାନାଳ,୧୫।୧(ସମିସ):** ସ୍ଥାନୀୟ ବାଜିଚୌକ ହୀରାସାଗର ପୋଖରୀ ନିକଟସ୍ଥିତ ଦୈନିକ ପରିବା ମାର୍କେଟ୍ ଠାରେ ତ୍ରୀନାଥ ଦେବଙ୍କର ୨୬ତମ ବାର୍ଷିକ ମେଳା ଓ ମକର ପୂଜା ଅନୁଷ୍ଠିତ ହୋଇଯାଇଅଛି। ପ୍ରାତଃରୁ ମଙ୍ଗଳ ଆଳତୀ, ମହାସ୍ନାନ, ନୂତନ ବସ୍ତ୍ର ପରିଧାନ, ପୁଷ୍ପମାଲ୍ୟ ଅର୍ପଣ ପରେ ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ଶୋଡଷଉପଚାର ପୂଜା, ଯଜ୍ଞ ସହିତ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ପୂଜକ ଡୁଲା ନନା, କର୍ତ୍ତା ଅଶୋକ କୁମାର ଦଳେଇ ଓ କର୍ତ୍ତୀ ଗୀତାଞ୍ଜଳି ଦଳେଇ ଏହି ପୂଜାର୍ଚ୍ଚନାକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏହି ଉପଲକ୍ଷେ ମହିଳା ବାଦି ସଂକୀର୍ତନ ଅନୁଷ୍ଠିତ ହୋଇଥିଲା। ନରସିଂହପୁରର ଅଞ୍ଜନା ଭୋଳ ଓ କେନ୍ଦୁପଲ୍ଲର ବଣିଆ ଗ୍ରାମର ରୀନା ବେହେରାଙ୍କ ନେତୃତ୍ୱରେ ଦୁଇଦଳ ବାଦି ସଂକୀର୍ତନ ପରିବେଷଣକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ସଭାପତି ଅଶୋକ କୁମାର ଦଳେଇ ଓ ସଭ୍ୟ ବିମ୍ବାଧର ରାଉତ, ଜମ୍ବେଶ୍ୱର ସାହୁ, ହରମୋହନ ସାହୁ, ଜଗନ୍ନାଥ ଭଟ୍ଟ, ଟୁକୁ ବେହେରା, ଚନ୍ଦନ ବେହେରା, ଅଶୋକ କୁମାର ଦଳେଇ, ସ୍ୱପ୍ନେଶ୍ୱର ଭଟ୍ଟ, ମଙ୍ଗୁ ଦଳେଇ, ପାଣ୍ଡବ ଦଳେଇ, ଗୋରା ଦଳେଇ, ଗନ୍ଧର୍ବ ସାହୁ, କାଳିଆ ପ୍ରଧାନ, ବିଜୁ, ଟୁକୁ, ସନ୍ତ, ନସିବ୍, ମୁନା, ରାଜୁନ୍, ବାସୁ, ଗୋପି, ତପନ ପ୍ରମୁଖ ସଦସ୍ୟଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଧାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ।

## ବଣଚଣ୍ଡିରେ ମକର ମିଳନ ଉତ୍ସବ



**ଭୁବନ,୧୫।୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମକର ମିଳନ ଅନୁଷ୍ଠିତ ହୋଇ ଯାଇଛି। ଭୁବନ ର ବଣଚଣ୍ଡିରେ ମକର ମିଳନ ସହ ପାହାଡ ଚଢା କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପରିଚାଳନା କମିଟି ପକ୍ଷରୁ ମକର ଚାଉଳ ବଣ୍ଟନ କରାଯାଇଛି। ଏଥିସହ ଅନଳ ତାରିଣୀ ପୀଠରେ ୩ଦିନଧରି ଯାତ୍ରା ସହିତ ପାଲା ପରିବେଷଣ ହେବ। ଏହି ମକର ମେଳା ମଠକରଗୋଳାର ମଉଳାଭଣଜା ଦୀଘିର ମାଳିଆମୁଣ୍ଡା ଯମୁନାକୋଟର ମହାପାଟ ଡକ୍ଟର ଅରୁଣ ନାୟକଙ୍କ ନେତୃତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୃଦ୍ଧେଶ୍ୱର ପୀଠରେ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ଶିବ ସୈନିକ ମକର ଚାଉଳ ବଣ୍ଟନ କରିଥିଲେ। ପରିଚାଳନା କମିଟି ସହଯୋଗ କରିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନର ମକର ସଂକ୍ରାନ୍ତି ଉତ୍ସବ

**ଖଜୁରିଆକଟା,୧୫।୧(ସମିସ):** ମେରାମଣ୍ଡଳୀ ସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ମକର ସଂକ୍ରାନ୍ତି ମହୋତ୍ସବ ପାଳନ କରାଯାଇଛି। ଢେଙ୍କାନାଳ ଜିଲ୍ଲା ନୂଆଗାଁ ପଞ୍ଚାୟତର ଖଲିବେରଣାଠାରେ ଆୟୋଜିତ



ଏହି କାର୍ଯ୍ୟକ୍ରମରେ ୮ଟି ପଞ୍ଚାୟତର ୩୫୦ରୁ ଉର୍ଦ୍ଧ୍ୱ ଯୁବକଯୁବତୀ, ମହିଳା ଓ କୃଷକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ପଞ୍ଚାୟତର ପିଆରଆଇ ସଦସ୍ୟ ଓ ମକର ସଂକ୍ରାନ୍ତି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଅନେକ ପ୍ରତିଭାଙ୍କୁ ପୁରସ୍କୃତ କରଯାଇଥିଲା। ମୁଖ୍ୟ ଅତିଥିଙ୍କ ସମେତ ଟାଟା ଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ୍ ସର୍ଭିସେସ ଚିଫ୍ ମୋହିତ ଦାସ, କର୍ପୋରେଟ୍ ରିଲେସନ୍ସର ମୁଖ୍ୟ ନୃସିଂହ ଚରଣ ମହାପାତ୍ର, ଜମି ଓ ଲିଜ୍ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ପାଣି, ଟାଟା ଷ୍ଟିଲ ଫାଉଣ୍ଡେସନ ୟୁନିଟ୍ ହେଡ୍ କୁମାର ସୌରଭ ଉପସ୍ଥିତ ରହି କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପାର୍ବତୀପୁରରେ ମକର ଯାତ୍ରା ପାଳିତ

**ବଇଣ୍ଡା,୧୫ ।୧(ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ପାର୍ବତୀପୁର ଗ୍ରାମରେ ମଙ୍ଗଳବାର ଦିନ ମକର ଯାତ୍ରା ପାଳିତ ହୋଇଯାଇଛି। ଆଞ୍ଚଳିକ ମକରଯାତ୍ରା କମିଟି ପକ୍ଷରୁ ଆୟୋଜିତ ଏହି ଯାତ୍ରା ପାଳନ ହୋଇଛି। ପ୍ରଭୁ ଶିବ ମାତା ପାର୍ବତୀଙ୍କର ମୂର୍ତ୍ତିକୁ ପୂଜା କରିବା ପରେ ଗୁଜା ପାହାଡକୁ ପୂଜା କରାଯାଇଥିଲା। ଏକ ଶୋଭାଯାତ୍ରା ମାଧ୍ୟମରେ କଂଶ ମହାରାଜ ଆସିବା ପରେ ଯାତ୍ରା ମଣ୍ଡପ ଯାଇ କଂଶ ଦରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଜା ବାଣ ମାଧ୍ୟମରେ ଗ୍ରାମ ଚଳଚଞ୍ଚଳ ହୋଇଥିଲା। ଆଖପାଖ ଅଞ୍ଚଳରୁ ନାମ ସଂକୀର୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ବହୁ ଦୋକାନୀଙ୍କର ଭିଡ଼ ଜମିଥିଲା। ଆଖପାଖ ଅଞ୍ଚଳରୁ ୧୦ ହଜାର ରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟିର ବୃଷଭ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ପୀତବାସ ପ୍ରଧାନ, ବାପୁନ ସାହୁ, ସନ୍ତୋଷ ଦେହୁରି, ଖଗେଶ୍ୱର ସାହୁ, ଗଣେଶ୍ୱର ବେହେରା, ଉମାକାନ୍ତ ପ୍ରଧାନ, ବଳଭଦ୍ର ପ୍ରଧାନ, ଅରୁଣ ପ୍ରଧାନ, ତ୍ରିନାଥ ପ୍ରଧାନ, ଲିଙ୍ଗରାଜ ବିଶ୍ୱାଳଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।



## ରାମଚଣ୍ଡୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ମକରମେଳା



**ଖଜୁରିଆକଟା,୧୫।୧(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନାଧରାସ୍ଥିତ ମା' ରାମଚଣ୍ଡୀ ପିଠ ପରିସରରେ ୨୯ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ଗୋ-କନେକଶ୍ୱର ମହାଦେବ ମନ୍ଦିର ଠାରେ ମକର ମେଳା ଆରମ୍ଭ ହୋଇଛି। ଗତ ୧୧ ତାରିଖ ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତଳବାଘଲୁଣ୍ଡା ଗ୍ରାମ ସ୍ଥିତ ଶିବମନ୍ଦିରରେ ପୂଜାର୍ଚ୍ଚନା ପରେ ଖୋଲକିର୍ତ୍ତନ କରି ବାଜା ବଜାଇ ବାଣ ଫୁଟାଇ ଶହ ଶହ ସଂଖ୍ୟାରେ ମହିଳା ମାନେ ନୂତନ ବସ୍ତ୍ର ପରିଧାନ କରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ରାହ୍ମଣୀ ନଦୀ କୁ କଳସ ଆଣିବାକୁ ଯାଉଥିବା ଦେଖିବାକୁ ମିଳିଛି। ହରିବୋଲ ହୁଳହୁଳୀରେ ଆଖପାଖ ଅଞ୍ଚଳ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ବ୍ରାହ୍ମଣୀ ନଦୀରେ ପଣ୍ଡିତ ମାନଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ପରେ ମହିଳା ମାନେ କଳସ ଆଣି ମନ୍ଦିର ପରିସର ଥିବା ଯଜ୍ଞ ସ୍ଥଳୀରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ୩୦୦୦ ରୁ ଅଧିକ ମହିଳା ଯୋଗ ଦେଇଥିଲେ। ୧୪ ତାରିଖ ମଙ୍ଗଳବାର ମକର ସଂକ୍ରମଣ ଉତ୍ସବ ଓ ଅପରାହ୍ନ ରେ ମହାଯଜ୍ଞ ର ପୂର୍ଣ୍ଣାହୁତି ଦିଆଯାଇଥିବା ଜଣାପଡ଼ିଛି। ଆଜିଠାରୁ ୪ ଦିନ ଧରି ଗୋ କନେକେଶ୍ୱର ମହାଦେବ ମନ୍ଦିର ପରିସରରେ ମକର ମେଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ମୁତୟନ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରୁଥିବା ଜଣାପଡ଼ିଛି। ଏହି ମେଳାରେ ସ୍ୱେଚ୍ଛାସେବୀ ମାନେ ସହଯୋଗ କରୁଥିବା ଜଣାପଡ଼ିଛି। ଏହି ଦୁଇଟି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଅନେକ ଭକ୍ତ ଯୋଗ ଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ।

## ସରାଙ୍ଗ ଗ୍ରାମର ସର୍ବବୃହତ୍ ବିଷ୍ଣୁମୂର୍ତ୍ତି ଦେଖିବାକୁ ଭିଡ଼

**ପରଜଙ୍ଗ,୧୫।୧(ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅନ୍ତର୍ଗତ ସରାଙ୍ଗ ଗ୍ରାମଠାରେ ଚିରସ୍ରୋତା ପୂର୍ଣ୍ଣତ୍ୱୟା ବ୍ରାହ୍ମଣୀ ନଦୀ ତଟରେ ବହୁପୂରାତନ କାଳର ଟାସିରି ପଥର ଦେହରେ ଖୋଦିତ ଶ୍ରୀ ବିଷ୍ଣୁଙ୍କର ଅନନ୍ତଶୟନ ମୂର୍ତ୍ତୀ ରହିଛି। କିମ୍ବଦନ୍ତୀରୁ ଜଣାଯାଏ ଯେ, ୭୦୦ଶତାବ୍ଦୀରେ କୋଦାଳକ ମଣ୍ଡଳର ରାଜା ରଣସ୍ତମ୍ଭ ଦେବଙ୍କ ରାଜୁତି କାଳରେ ପରଜଙ୍ଗ, ପଳାଶୁଣି, ସରାଙ୍ଗ, ପାଟରପଦା ଓ ପଥରଗଡ଼ ଇତ୍ୟାଦି ସ୍ଥାନ ମାନଙ୍କରେ ରଣସ୍ତମ୍ଭ ଦେବଙ୍କ ଅଧୀନରେ ଥିବା ମହାସାମନ୍ତ କରଦ ରାଜା ବ୍ରାହ୍ମଣୀ ନଦୀ ତଟରେ ଟାସିରି ପଥର ଦେହରେ ଦୀର୍ଘ ୨୨ଫୁଟ ଲମ୍ବର ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଶାଳକାୟ ଶ୍ରୀ ବିଷ୍ଣୁଙ୍କର ଅନନ୍ତଶୟନ ମୂର୍ତ୍ତି ଖୋଦିତ କରିଥିଲେ। ଅନତି ଦୂରରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଏବଂ ବ୍ରାହ୍ମଣୀ ନଦୀର ଅପର ପାରିରେ ତାଳଚେର ସୀମାରେ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ କରିଥିଲେ। ସେହିପରି ରଣସ୍ତମ୍ଭ ଦେବଙ୍କ ରାଜଧାନୀ କୁଆଲୁ ଠାରେ ଅଷ୍ଟଶମ୍ଭୁ ଶୈବ ପୀଠ ନିର୍ମାଣ କରାଇଥିଲେ। ଏହି ୨ସ୍ଥାନ ଏବେ ସରକାରଙ୍କ ପର୍ଯ୍ୟଟନ ତରଫରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି। ସରକାରଙ୍କ ତରଫରୁ ଅର୍ଥ ଖର୍ଚ୍ଚ କରାଯାଇ ମୂର୍ତ୍ତିର ସୁରକ୍ଷା ପାଇଁ ପ୍ରାଚୀର ନିର୍ମାଣ କରାଯିବା ସହ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା ପ୍ରତିବର୍ଷ ଗ୍ରାମବାସୀଙ୍କ ଦ୍ୱାରା ପାଳିତ ହୋଇଆସୁଛି।





ସକାଳ
THE SAKALA



## ସୌନ୍ଦର୍ଯ୍ୟକରଣ ନୋହିଲା

# କଚେରୀ ପୋଖରୀ ପୁନରୁଦ୍ଧାର କାମ ଅଧାପନ୍ତରିଆ

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ):** ବହୁ କିମ୍ବଦନ୍ତୀର ମୂକସାକ୍ଷୀ ପଟ୍ଟାମୁଣ୍ଡାଇ କଚେରୀ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାରେ ଅଟକିଛି। କଚେରୀ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯିବା ନେଇ ଦୀର୍ଘ ବର୍ଷ ଧରି ରାଜନୀତି ସରଗରମ ହୋଇଛି ସିନା, କାର୍ଯ୍ୟ କିନ୍ତୁ ଆଗେଇ ପାରିନି। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସମ୍ପ୍ରତି ଜମିଦାର ଶାସନ ଅମଳରୁ ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ତହସିଲ ଅଫିସ ଓ ଶ୍ରୀରାମ ମନ୍ଦିର ସଂଲଗ୍ନ ବହୁ କିମ୍ବଦନ୍ତୀ ବହନ କରୁଥିବା ତଥା ସହର ମଧ୍ୟରେ ଥିବା ଶହ ଶହ ବର୍ଷର ପୁରାତନ ଏକମାତ୍ର ଜଳାଶୟ କଚେରୀ ପୋଖରୀ ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର କାର୍ଯ୍ୟ କରାଯିବା ନେଇ ପୂର୍ବ ବିଜେଡି ସରକାର ଅମଳରେ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିରହିଛି। ପୂର୍ବରୁ ପୌରପାଳିକାର ଅବହେଳା ଓ ଉଦାସୀନତା ଯୋଗୁଁ ଏହାର ସୌନ୍ଦର୍ଯ୍ୟକରଣ କାମ ଠପ୍ ହୋଇ ରହିଥିଲା। ଟେଣ୍ଡର ହେବାର ୪ ବର୍ଷ ପରେ ବି ଏହାର କାମ ସମ୍ପୂର୍ଣ୍ଣ ନ ହେବା ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ଅନୁସାରେ କଚେରୀ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟ କରଣ ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ପୋଖରୀର ପୁନରୁଦ୍ଧାର ପାଇଁ ୨୦୧୯ ମସିହାରେ ଶୁଭ ଦିଆଯାଇଥିଲା। ଟେଣ୍ଡର ନେଇଥିବା ଠିକାଦାର କାମ ଆରମ୍ଭ କରି କିଛି କାମ କରିବା ପରେ ଛାଡି ଚାଲିଯାଇଥିଲେ। ଏହି ଘଟଣା ଉପରେ ମଧ୍ୟ ପୌର ପରିଷଦ ପକ୍ଷରୁ ସମୀକ୍ଷା କରାଗଲା ନାହିଁ। ପୌରପରିଷଦ କାମ ନେଇଥିବା ଠିକାଦାରଙ୍କୁ କେବଳ ଦୁଇଟି ନୋଟିସ୍ କରି ଚୁପ ବସିଲେ। କାମ ଆଉ ଆଗେଇ ପାରିଲା ନାହିଁ। ଏବେ ଏହି ପୋଖରୀର ଠିକାଦାର ପୌରପାଳିକାର ଅନ୍ୟ ଦୁଇ ଜଣ ଠିକାଦାରଙ୍କୁ ସବ୍ ଲିଜ୍‌ରେ କାମ କରିବା ପାଇଁ ଦେଇଛନ୍ତି। କିନ୍ତୁ କାମ ଅଧାପନ୍ତରିଆ





ଭାବେ ପଡ଼ି ରହିଥିବା ବେଳେ ଏହି ପୋଖରୀ ଏବେ ଅଳିଆ ଗଦାରେ ପରିଣତ ହେବାକୁ ବସିଲାଣି। ଉଲ୍ଲେଖ ଥାଉ କି, ଅଞ୍ଚଳବାସୀଙ୍କ ଯାବତୀୟ ଆବଶ୍ୟକତା ମେଣ୍ଟାଉ ଥିବା କଚେରୀ ପୋଖରୀ କାଳକ୍ରମେ ସରକାରୀ ଉଦାସୀନତାର ଶିକାର ହୋଇ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇ ପଡ଼ିଛି। ସହରର କେତେକ ସ୍ଥାନୀୟ ବାସିନ୍ଦାଙ୍କ ଶୌଚ ସ୍ଥାନ ପାଲଟିଛି ଏହି ପୋଖରୀ ହୁଡା। ଅନ୍ୟ ପକ୍ଷରେ ସ୍ଥାନୀୟ ହାଟ, ବ୍ୟବସାୟ ପ୍ରତିଷ୍ଠାନର ଅଳିଆ ଏଠାରେ ଗଦା ହେବାରେ ଲାଗିଛି। ଏପରିକି ତହସିଲ ଅଫିସ୍‌ର ପାଚେରିକୁ ଲାଗିଥିବା ଦୁଇ ଏକରରୁ ଅଧିକ ପରିସୀମାର ଏହି ପୋଖରୀ କ୍ରମଶଃ ଅବରୋଧକାରୀଙ୍କ କବ୍‌ଜାକୁ ଚାଲିଯାଉଛି। ଏହି ପୁରାତନ କଚେରୀ ପୋଖରୀର କ୍ଷେତ୍ରଫଳକୁ କମାଇ ଦିଆଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ଲାଗିରହିଛି। ତେବେ ସହରବାସୀଙ୍କ ବହୁ ଦାବି ପରେ ପ୍ରଶାସନ ପୋଖରୀର ଉନ୍ନତୀକରଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଚାରି ପାର୍ଶ୍ୱରେ ତୁଠ, ହୁଡ଼ାରେ ବସିବା ପାଇଁ ଚେୟାର, ପ୍ରାତଃ, ସାନ୍ଧ୍ୟଭ୍ରମଣ ପାଇଁ ରାସ୍ତା, ପିଲାମାନଙ୍କ ଜଳକ୍ରୀଡ଼ା ପାଇଁ ବୋଟ୍, ପାଣିଫୁଆରା, ଆଲୋକୀକରଣ ପାଇଁ ଯୋଜନା ହୋଇଥିଲା। କିନ୍ତୁ ଏଥିପାଇଁ ୨୦୧୯ରୁ ଏକ ଫଳକ ମାରି ପ୍ରଶାସନ ଚୁପ୍ ବସି ପଡ଼ିଛି। ଗତ ୨୦୨୩ ମସିହା ଆର୍ଥିକ ବର୍ଷରେ ଏହି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୧ କୋଟିରୁ ଅଧିକ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଠିକାଦାରଙ୍କ ମନମାନୀରୁ ଏହାର କାମ ହୋଇପାରୁନାହିଁ। ଲୋକଙ୍କ ଅସନ୍ତୋଷକୁ ଆଖି ଆଗରେ ରଖି ପ୍ରାଥମିକ ଭାବରେ ଅଳ୍ପ କିଛି କାମ ଆରମ୍ଭ କରି ରନିଂ ବିଲ୍ ଉଠାଯାଇ କାମକୁ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଠିକାଦାର ଓ ସବ୍‌ଲିଜରେ ଠିକାଦାରଙ୍କ ଠାରୁ କାର୍ଯ୍ୟ ନେଇଥିବା ଅନ୍ୟ ୨ ଜଣ ଠିକାଦାର ଛୁ ମାରିଥିବାରୁ କଚେରୀ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କାଗଜ ପ୍ଲେଟ ତିଆରି ସରଞ୍ଜାମ ପ୍ରଦର୍ଶନ

**ପଟ୍ଟାମୁଣ୍ଡାଇ, ୧୫।୧ (ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତଳବାଲିପଡ଼ା ସ୍ଥିତ ଶ୍ରୀ ବଳଦେବଜୀଉ ମହିଳା ମହାସଂଘ ଦ୍ୱାରା କାଗଜ ପ୍ଲେଟ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ଅନୁସଙ୍ଗୀକ ସରଞ୍ଜାମ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କାଉନ୍‌ସିଲର ବିଦ୍ୟାଧର ସେଠୀ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ବିଜେପି ନେତା ଆଡ୍‌ଭୋକେଟ୍ ଭାରତ ଭୂଷଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମହାସଂଘ ଉପଦେଷ୍ଟା ରବୀନ୍ଦ୍ର ବିଶ୍ୱାଳ ଓ ପୀତାମ୍ବର କରଙ୍କ ସହିତ ମହାସଂଘର ସଭାନେତ୍ରୀ କସ୍ମିତା ପ୍ରଧାନ, ସମ୍ପାଦିକା ପାର୍ବତୀ ତ୍ରିପାଠୀ, ଶୁଭଲକ୍ଷ୍ମୀ କର, କବିତା ପ୍ରଧାନ, ସୁରେଖା କର, ସ୍ୱର୍ଣ୍ଣପ୍ରଭା ଦାସ, ସୁଶମା ପ୍ରଧାନ, ସୁଷମା ଭୂୟାଁ, ସୁଷମା ପ୍ରଧାନ, ସସ୍ମିତା ସେଠୀ, ସସ୍ମିତା ସ୍ୱାଇଁ, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଶତାଧିକ ସଭ୍ୟା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବାଶିଷ ମଲ୍ଲିକ, ସୁଶୀଲ ପରିଡ଼ା, ଚନ୍ଦନ ପାତ୍ର, ପାରେଶ୍ୱର ପାତ୍ର, ସମୀର ପାତ୍ର, ଚଗଲା ବିଶ୍ୱାଳ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ମିଶନଶକ୍ତି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ।

## ବଟିରା ସମବାୟ ସମିତିରେ ଧାନମଣ୍ଡି ଖୋଲିଲା



**ମାର୍ଶାଘାଇ, ୧୫।୧(ସମିସ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଟିରା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲାଯାଇଛି। ସମିତି ସଭାପତି ବିଭୁତି ଭୂଷଣ ଦାସ ଓ ସମ୍ପାଦକ ପ୍ରଦୀପ୍ତ ସେନାପତିଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ତେଇ ରାଜସ୍ୱ ନିରୀକ୍ଷକ ତଥା ମଣ୍ଡି ନୋଡାଲ ଅଫିସର ନୃସିଂହ ଚରଣ ରାଉତ, ବଟିରା ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ, ସମିତି ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଦାସ, ରଶ୍ମିରଞ୍ଜନ ବେହେରା, ବ୍ରଜବନ୍ଧୁ ସ୍ୱାଇଁ, ରାଧାକାନ୍ତ ଆଚାର୍ଯ୍ୟ, ନିରଞ୍ଜନ ନାୟକ, ନୃସିଂହ ସାହୁ ଓ ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ୧୮୦ ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିଛନ୍ତି।

● ବର୍ଷେ ଗଲାନି ୨୨ କୋଟି ଟଙ୍କାର ରାସ୍ତା

## ଆମରଣ ଅନଶନ ପାଇଁ ଉତିକଣ ସଂଗ୍ରାମ ପରିଷଦର ନୋଟିସ୍

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ):** ରାସ୍ତା ନିର୍ମାଣର ମାତ୍ର ବର୍ଷକ ପରେ ବ୍ରାହ୍ମଣୀ ଦକ୍ଷିଣ ପାର୍ଶ୍ୱ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟା ବନ୍ଧ ରାସ୍ତା ଅବସ୍ଥା ଏବେ ବେହାଲ। ପଟ୍ଟାମୁଣ୍ଡାଇ-ରାଜନଗର ଅଞ୍ଚଳର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ ଦକ୍ଷିଣ ପାର୍ଶ୍ୱ ସର୍ବ ପୁରାତନ ବନ୍ୟା ବନ୍ଧ ରାସ୍ତା ଉପରେ ଦୈନିକ ଲକ୍ଷାଧିକ ଲୋକ ନିର୍ଭର କରୁଥିବା ବେଳେ ଠିକାଦାର ରାସ୍ତା ନିର୍ମାଣ ସମୟରେ ନିମ୍ନ ମାନର କାର୍ଯ୍ୟ କରିଥିବାରୁ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ରାସ୍ତା ଅବସ୍ଥା ଦୟନୀୟ ହୋଇପଡ଼ିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଚଞ୍ଚକତା ହୋଇଥିବା ଅଭିଯୋଗ ଆଣି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛି ଉତିକଣ ସଂଗ୍ରାମ ପରିଷଦ। ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୧ ତାରିଖ ଠାରୁ ଆମରଣ ଅନଶନ କରାଯିବା ନେଇ ନୋଟିସ ଦିଆଯାଇଥିବା ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି କହିଛନ୍ତି।

## ପଥପ୍ରାନ୍ତ ଆଲୋକୀକରଣ ଉଦ୍‌ଘାଟିତ

**ଆଳି ୧୫।୧ (ସମିସ):** ମଙ୍ଗଳବାର ସନ୍ଧ୍ୟାରେ ଆଳି ମହୁ ଗ୍ରାମ ପଞ୍ଚାୟତର ପଥପ୍ରାନ୍ତ ଆଲୋକୀକରଣର ଶୁଭ ଉଦ୍‌ଘାଟନ କଲେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ କେଶରୀ ଦେବ। ନିର୍ବାଚନ ପୂର୍ବରୁ ଡିଆରଡିଏର କ୍ରିଟିକାଲ୍ ଗ୍ୟାପ୍ ଫଣ୍ଡରୁ ମଞ୍ଜୁର ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟନ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବିଜେଡି ସଂଗଠକ ଭୀଷ୍ମ ମହାନ୍ତି, ପଞ୍ଚାୟତର ସରପଞ୍ଚ ମହେଶ୍ୱର ତ୍ରିପାଠୀ, ପଞ୍ଚାୟତ ସମିତି ସଭ୍ୟା ମମତା ଦାସଙ୍କ ସମେତ ବିଜୁ ଜନତା ଦଳର ସୁବ୍ରତ ଦାସ, ମନୋଜ ମହାନ୍ତି, ନିର୍ମଳ ବେହେରା, କୃଷ୍ଣଚନ୍ଦ୍ର ପରିଡ଼ା, ଭରତ ଚନ୍ଦ୍ର ଦାସ, ବାସୁଦେବ କର, ସୁଶାନ୍ତ ସାହୁ, ଅକ୍ଷୟ ଭୁଇଆଁ, ଚନ୍ଦ୍ରଭାନୁ ରାଉଳ, କଳ୍ପତରୁ ତ୍ରିପାଠୀ, କୋଳିଡିଅ ପଞ୍ଚାୟତର ରବୀନ୍ଦ୍ର ମହାନ୍ତି, ହେମନ୍ତ ଧଳଙ୍କ ସମେତ ବହୁ ଛାମୁଆ କର୍ମୀ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଏହି ଆୟୋଜନର ଦାୟିତ୍ୱ ଆଶିଷ କର, ମାଧବାନନ୍ଦ ଜେନା ଓ କୈଳାସ ତ୍ରିପାଠୀ ନେଇଥିଲେ।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**କେନ୍ଦ୍ରାପଡ଼ା, ୧୫।୧(ସମିସ):** କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମର ସମାଜସେବୀ ଶୁକଦେବ ଦାସଙ୍କ ଦ୍ୱାଦଶାହରେ ତାଙ୍କ ମୀରପାଟଣାସ୍ଥ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଚାକିରିରୁ ଅବସର ଗ୍ରହଣ ପରେ ସାମାଜିକ କାର୍ଯ୍ୟ ଓ ବିଭିନ୍ନ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପୂର୍ବତନ ପୌରାଧ୍ୟକ୍ଷ ତଥା ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ଯୁବ ନେତା ରାଜେଶ ପଣ୍ଡା, ଡେରାବିଶ ବ୍ଲକ ବିଡିଓ ନମିତା ବାରିକ, ଇଂ ସତ୍ୟପ୍ରକାଶ ସାହୁ, ପୂର୍ବତନ ଏବିଡିଓ ଭଞ୍ଜ କିଶୋର ନାୟକ, ଅଭୟା ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଜନ୍ମେଜୟ ଶତପଥୀ, ସାମ୍ବାଦିକ ପ୍ରମୋଦ ଦାସ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି ଓ ଶୁକଦେବ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ଦାସଙ୍କ ପୁତ୍ର କ୍ଷିତୀଶ ଦାସ, ରଞ୍ଜନ ଦାସ, ବିଶ୍ୱନାଥ ପରିଡ଼ା, ଜ୍ୱାଇଁ ଉତ୍ତମ ଦାସ, ଜ୍ୟୋତିର୍ମୟ ଦାସ, ଚନ୍ଦ୍ରଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମା' କାଳୀ ବିଦ୍ୟୁତ୍ ଉପଭୋକ୍ତା ସଂଘ ଗଠିତ

**ଓଳାଭର, ୧୫।୧(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଅବିଭକ୍ତ ଓଳାଭର ପଞ୍ଚାୟତ ଓ ତତ୍‌ସଂଲଗ୍ନ ପଞ୍ଚାୟତର ବିଦ୍ୟୁତ୍ ଉପଭୋକ୍ତା, ସଚେତନ ନାଗରିକ, ବୁଦ୍ଧିଜୀବୀଙ୍କୁ ନେଇ ମା' କାଳୀ ବିଦ୍ୟୁତ୍ ଉପଭୋକ୍ତା ସଂଘ ନାମରେ ଏକ ଅନୁଷ୍ଠାନ ଗଠିତ ହୋଇଛି। ସୋମବାର ମା'କାଳୀ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଉପଭୋକ୍ତା, ବୁଦ୍ଧିଜୀବୀ ଯୋଗଦେଇ ଏଭଳି ସଂଘ ଗଠନର ଆବଶ୍ୟକତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଇଂ ପଞ୍ଚାନନ ଦାସଙ୍କ ନାମ ଚୟନ କରାଯାଇଥିବାବେଳେ ସମ୍ପାଦକ ଶରତ ଚନ୍ଦ୍ର ପୃଷ୍ଟି, କୋଷାଧ୍ୟକ୍ଷ ଭାବେ ଗଙ୍ଗାଧର ଦାସଙ୍କୁ ଚୟନ କରାଯାଇଥିଲା। ଏହି ସଂଘ ଗଠନ ଦ୍ୱାରା ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସଭାପତି କହିଥିବାବେଳେ ବିଦ୍ୟୁତ୍ ସେବାରେ ଗୁଣାତ୍ମକ ଦିଗ ପ୍ରତି ଯତ୍ନବାନ ହେବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ସର୍ବଦା ସଂଘ ସଂଯୋଗ ସ୍ଥାପନ କରିବ ବୋଲି ସମ୍ପାଦକ ସୂଚନା ପ୍ରଦାନ କରିଥିଲେ।

# ଦୁଇ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା




**କୁଜଙ୍ଗ, ୧୫।୧(ସମିସ):** କୁଜଙ୍ଗ ଓକିଲ ସଂଘ ପକ୍ଷରୁ ସିଭିଲ ଜଜ୍ ଅନୁରାଧା ଶର୍ମା ଓ ଜେଏମ୍ଏଫସି ବିଶ୍ୱଭୂଷଣ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ସୁଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଜଗତସିଂହପୁର ଜିଲ୍ଲା ଜଜ ଶ୍ରୀନିବାସ ପ୍ରତିହାରୀ ଯୋଗ ଦେଇଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ କୁଜଙ୍ଗର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦୀପ୍ତି ପ୍ରକାଶ ବ୍ରହ୍ମା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସବ୍ ଜଜ୍ ଚିନ୍ମୟୀ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ଓକିଲ ସଂଘ ସମ୍ପାଦକ ଅନ୍ତର୍ଯ୍ୟାମୀ ନାରାୟଣ ଦାସଯାଦବ, ପୂର୍ବତନ ସଭାପତି ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ରମେଶ ଦାସ, ଜିଲ୍ଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପରିଡ଼ା, ନଳିନୀ ରଞ୍ଜନ ଦାସ, ବରିଷ୍ଠ ଆଇନଜୀବୀ ଚୈତନ୍ୟ ମହାପାତ୍ର, ଧନେଶ୍ୱର ସ୍ୱାଇଁ, ଦେବାଶିଷ କଣ୍ଟ, କୈଳାସ ଚନ୍ଦ୍ର ମହାପାତ୍ର, ପୀତାମ୍ବର ପଣ୍ଡା, ନମିତା ମହାନ୍ତି, ବନ୍ଦିତା ପଟ୍ଟନାୟକ, ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇ ଦୁଇ ବିଚାରପତିଙ୍କ ବିଚାର ପ୍ରକ୍ରିୟାର ପ୍ରଶଂସା କରିଥିଲେ। ବରିଷ୍ଠ ଆଇନଜୀବୀ ନୃସିଂହ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରାଧା ଶର୍ମାଙ୍କ ଭବାନୀପାଟଣାକୁ ବଦଳି ହୋଇଥିବାବେଳେ ବିଶ୍ୱଭୂଷଣ ନାୟକଙ୍କୁ କୁଜଙ୍ଗର ସିଭିଲ ଜଜ ଜୁନିଅର ଡିଭିଜନରେ ଅବସ୍ଥାପିତ କରାଯାଇଛି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ମାର୍ଶାଘାଇ, ୧୫।୧(ସମିସ):** ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଣବ କୁମାର ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର ଶ୍ରୀକାନ୍ତ ପରିଜା ଯୋଗଦେଇ ବାଳିକା ଆତ୍ମରକ୍ଷା କୌଶଳ ହାସଲ କରି ନିଜେ ସୁରକ୍ଷିତ ରହିବା ସହ ଏକ ସୁରକ୍ଷିତ ସମାଜ ଗଠନରେ ଛାତ୍ରୀମାନେ ସହାୟକ ହୁଅନ୍ତୁ। ଏଥିସହିତ ଭବିଷ୍ୟତରେ ପ୍ରତିରକ୍ଷା କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡଃ ଅନୁରାଧା ଦାସ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୮ ଦିନ ଧରି ଅନୁଷ୍ଠିତ ଶିବିରରେ ୩୮୩ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିକା ଭାବେ ପୁଷ୍ପାଞ୍ଜଳି ନାୟକ, ଅଲିଭା ବେହେରା, ରୁନୁପ୍ରିୟା ସାମନ୍ତରାୟ, ରୂପାଲି ପ୍ରିଦର୍ଶିନୀ ସାହୁ, ମାନସୀ ଦଳାଇ, ସସ୍ମିତା ନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଅଧ୍ୟକ୍ଷ ଶ୍ରୀ ପରିଜା ପ୍ରମାଣପତ୍ର ପ୍ରଦାନ କରିଥିଲେ। ସହକାରୀ କାର୍ଯ୍ୟକ୍ରମ ସଂଯୋଜିକା ଡଃ ଉପାସନା ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟ ସୃଜନୀରେ ଆଲୋଚନାଚକ୍ର

**ଆଳି, ୧୫।୧(ସମିସ):** ଆଳି ବ୍ଲକ ଅନ୍ତର୍ଗତ ବାଲକାଟୀ ପଞ୍ଚାୟତ ହାଇସ୍କୁଲରେ ସାହିତ୍ୟ ସୃଜନୀ କ୍ଲବ୍‌ର ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଘାସ ଫୁଲର ଗୀତ' ଉପନ୍ୟାସର ଲେଖକ ଜ୍ଞାନରଞ୍ଜନ ନାୟକ ଯୋଗଦେଇ ଉପନ୍ୟାସର ପୃଷ୍ଠଭୂମି, ଆଜିର ସମୟରେ ଏପରି ଉପନ୍ୟାସର ଆବଶ୍ୟକତା ବିଷୟରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। 'ସୁଖ, ଦୁଃଖ, ପ୍ରେମ, କରୁଣାବିହୀନ ଜୀବନ ମୂଲ୍ୟହୀନ। ଆଜିର ଯୁବ ଓ କିଶୋର ବର୍ଗ ଏସବୁଠାରୁ ଦୂରେଇ ଯାଉଛି। କେବଳ ସାହିତ୍ୟ ହିଁ ଏହାର ପୁନରୁଦ୍ଧାର କରିପାରିବ ବୋଲି ଉପନ୍ୟାସର କଥାବସ୍ତୁ ଆଧାରରେ ଇଂ. ନାୟକ ମତ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ମାର୍ଶାଘାଇ, ୧୫।୧ (ସମିସ):** ମାର୍ଶାଘାଇ ବାଲିକଷୋଟି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରାଜ କିଶୋର ସାମନ୍ତରାୟ (୭୫)ଙ୍କର ମଙ୍ଗଳବାର ଅପରାହ୍ଣରେ ପରଲୋକ ଘଟିଛି। ମଣିକୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଏବଂ ମାର୍ଶାଘାଇ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରି ସେ ୨୦୦୯ ମସିହାରେ ଅବସର ନେଇଥିଲେ। ମିଷ୍ଟଭାଷୀ ଏବଂ ଛାତ୍ରବତ୍ସଳ ରାଜୁ ସାର ଭାବରେ ମାର୍ଶାଘାଇ ଅଞ୍ଚଳରେ ସେ ପରିଚିତ ଥିଲେ। ରାଧାକୃଷ୍ଣ ମନ୍ଦିର ନିକଟ ବାଡ଼ିରେ ତାଙ୍କ ମରଶରୀରକୁ ସମାଧି ଦିଆଯାଇଥିଲା। ବଡ଼ ପୁଅ ପାର୍ଥସାରଥୀ ସାମନ୍ତରାୟ, ପଦ୍ମନାଭ ସାମନ୍ତରାୟ, କେଦାରନାଥ ସାମନ୍ତରାୟ ଓ ଦୁଇ ଝିଅ ମରଶରୀର ନିକଟରେ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚେତନତା ଶିବିର

**ରାଜନଗର, ୧୫।୧ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜନଗର ବ୍ଲକର ତାଳଚୁଆଠାରେ ସରକାରୀ ଯୋଜନାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚୁଆସ୍ଥିତ ମାଛଧରା ଜେଠୀ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଜଜ୍ ବିଶ୍ୱଜିତ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରୀ ଯୋଜନା କିପରି ଗରିବ ଲୋକଙ୍କ ପାଖରେ ପହଞ୍ଚିବ ସେ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ଏଡିଏମ ନିଲୁ ମହାପାତ୍ର, ଜିଲ୍ଲା ଲିଗାଲ ସେବା ପ୍ରାଧିକରଣର ସମ୍ପାଦକ ସୁମିତ୍ରା ସାହୁ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏସିଏଫ ମାନସ କୁମାର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ରଙ୍ଗଣୀର ସୁବାଷିନୀ କଳା, ସକୁଲି ଦଳାଇ, ଦୁର୍ଗାରାଣୀ ମାଇତି, ତାଳଚୁଆର କମଳା ପାଳ, ରିଙ୍ଗି ମଣ୍ଡଳ, ଦିଲୀପ ଜେନାଙ୍କ ଭତ୍ତା ମଞ୍ଜୁର କରାଯିବା ସହିତ ସେମାନଙ୍କୁ ସଂଗେ ସଂଗେ ଭତ୍ତା ବାବଦ ଅର୍ଥ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଗୁଲସନ ବିବି, ସୁଶିଳା ମଣ୍ଡଳ, ରାଜେନ୍ଦ୍ର ବେହେରା, ରିନି ମାଇତି, ମାନସୀ ଜେନା, ବାବୁଲାଲ ମାଇତି ଓ ପପୁ ବେରା ପ୍ରମୁଖଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ସମ୍ବର୍ଦ୍ଧିତ



**ମହୁ, ୧୫।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନ ନିଆଳ ପଞ୍ଚାୟତ ରାଧାନଗର ଗ୍ରାମର ବରିଷ୍ଠ ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଗୁଲନ ଭାଇ ସେବା ସଦନରେ ସମ୍ବର୍ଦ୍ଧିତ ହୋଇଛନ୍ତି। କୃଷ୍ଣଚନ୍ଦ୍ର ବାରିକ ନିଜର ସ୍ୱଳ୍ପ ରୋଜଗାର ଥାଇ ମଧ୍ୟ ନିସ୍ୱାର୍ଥପର ରୋଗୀସେବା, ବେସାହାରା ଓ ଅସହାୟ ଲୋକମାନଙ୍କୁ ସର୍ବଦା ସାହାଯ୍ୟ ସହଯୋଗ କରୁଥିଲେ। ଭୁବନେଶ୍ୱରର ଗୁଗୁଲ ଟ୍ରଷ୍ଟ ଓ ଆୟୁଷ୍ମାନ ଫାଉଣ୍ଡେସନ ନୂଆଦିଲ୍ଲୀର ମିଳିତ ସହଯୋଗରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ବାରିକଙ୍କ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ପାଟଶାଣି, ଡାକ୍ତର ମମତା ମହାନ୍ତି ଉପସ୍ଥିତ ଥିଲେ।

# ଚଟୁଆରେ ସଡ଼କ ସୁରକ୍ଷା ସଚେତନତା

**କୁଜଙ୍ଗ, ୧୫।୧(ସମିସ):** କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ମଦର ଟେରେସା ଫାଉଣ୍ଡେସନର ଅଧ୍ୟକ୍ଷ ଡଃ ସୁନାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ମହାନ୍ତି ଯୋଗଦେଇ ଦୁର୍ଘଟଣା ଦୁଃଖ ଦିଏ, ନିରାପତ୍ତା ହସ ଦିଏ ବୋଲି ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ସମ୍ମାନିତ ଅତିଥି ଭାବେ କୁଜଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ



ଦାଶ କହିଥିଲେ, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ହେଲମେଣ୍ଟ ବ୍ୟବହାର କରିବା, ଟ୍ରାଫିକ ନିୟମ ପାଳନ କରିବା ଓ ସର୍ବୋପରି ଛୋଟ ପିଲା ଅର୍ଥାତ ୧୭ ବର୍ଷ ବୟସର ପିଲାଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ଏଥିପାଇଁ ଆଇନରେ ପିଲାଙ୍କ ଅଭିଭାବକ ଓ ଗାଡ଼ିର ମାଲିକଙ୍କୁ ୩ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି କହିଥିଲେ। ଆଇନଜୀବୀ କିଶୋର ଶତପଥୀ, ସ୍ଥାନୀୟ ସରପଞ୍ଚ ପ୍ରକାଶ ସୁନ୍ଦରରାୟ, ସମାଜସେବୀ ଗଣେଶ ଚନ୍ଦ୍ର ରାଉତ ଓ ଅଭିରାମ ପାଳ ପ୍ରମୁଖ ଯୋଗଦେଇ ଉପସ୍ଥିତି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଶେଷରେ ଉପସ୍ଥିତ ଥିବା ମହିଳା ଓ ପୁରୁଷଙ୍କୁ ଏ ସମ୍ବନ୍ଧରେ ଶପଥପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ପବିତ୍ର ମୋହନ ମଙ୍ଗରାଜ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ୍

# ଜଗତପୁରକୁ ହରାଇ ସେମିରେ କେନ୍ଦ୍ରାପଡ଼ା

**ରାଜନଗର, ୧୫।୧(ସମିସ):** ରାଜନଗର ବ୍ଲକର ବଡ଼ପଲ୍ଲୀସ୍ଥ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ଜଗତପୁରର ନିମପୁର କ୍ରିକେଟ ଟିମ୍‌କୁ ୭୨ ରନରେ ପରାସ୍ତ କରି କେନ୍ଦ୍ରାପଡ଼ାର ଇନ୍ଦୁପୁର କ୍ରିକେଟ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି।

ଉକ୍ତ ମ୍ୟାଚ୍‌ରେ ଟସ୍ ଜିତି ଇନ୍ଦୁପୁର କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ ହରାଇ ୨୭୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୌରବ



ଚୌଧୁରୀ ୪୫ ବଲରୁ ଶତକୀୟ ପାଳି ଖେଳିଥିଲେ। ସେ ୪ଟି ଚୌକା ଓ ୧୫ଟି ଛକା ସହାୟତାରେ ୧୨୦ ରନ କରିଥିଲେ। ଆକାଶ ନାୟକ ୫୪ ବଲରୁ ୫ଟି ଛକା ଓ ୬ଟି ଚୌକା ସହାୟତାରେ ୬୯ ରନ କରିଥିଲେ। ପରେ ୨୭୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ନିମପୁର କ୍ରିକେଟ ଦଳ ୨୩ ଓଭରରେ ସମସ୍ତ ୱିକେଟ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା। ଆକାଶ ପ୍ରଧାନ ୨୭ ବଲରୁ ୨ଟି ଚୌକା ଓ ୫ଟି ଛକା ସହାୟତାରେ ୪୬ ରନ, କେ. ତିୱାରୀ ୨୫ ବଲରୁ ୨ଟି ଚୌକା ଓ ୮ଟି ଛକା ସହାୟତାରେ ୬୪ ରନ କରିଥିଲେ। ଗୌରବ ଚୌଧୁରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତି, ଦିଲ୍ଲୀପ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତାକାଲି ଚତୁର୍ଥ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଭୁବନେଶ୍ୱର ଓ କଟକ ମଧ୍ୟରେ ଖେଳାଯିବ। ତାପସ କୁମାର ରଥ, ପ୍ରକାଶ ଚନ୍ଦ୍ର ସେଠୀ ସ୍କୋରର ଥିବାବେଳେ ବିଜୟ କୁମାର ବଳ, ଶଶଧର ରାଉତ ଭାଷ୍ୟକାର ଥିଲେ। ପଲ୍ଲିଶ୍ରୀ ଯୁବକ ସଂଘର ତପନ କୁମାର ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ ଓ ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ।

# ପାରାଦୀପ କଲେଜ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ନେଇ ରାଜନୀତି

ପାରାଦୀପ, ୧୫।୧(ସମିସ):

ପାରାଦୀପ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ନେଇ ଏବେ ରାଜନୀତି ଜୋର ଧରିଛି। କ୍ଷମତା ଦଖଲ ପାଇଁ ଶାସକ ଦଳ ସମର୍ଥିତ ଗୋଷ୍ଠୀ ମନମାନୀ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ଅତିଥି ଚୟନଠାରୁ ଆରମ୍ଭ କରି

- କଳା ଦିବସ ଭାବେ ପାଳନ କରିବାକୁ ଛାତ୍ର କଂଗ୍ରେସର ଚେତାବନୀ
- କଳାବ୍ୟାଜ ପିନ୍ଧିବା ସହ କଳାପତାକା ଦେଖାଇବାକୁ ନିଷ୍ପତ୍ତି



ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଆଲୋଚନା ସାର୍ବଜନୀନ ନହୋଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ସମସ୍ତ କାର୍ଯ୍ୟ କରାଯାଉଛି। ଯାହାକୁ ନେଇ ପୁରାତନ ଛାତ୍ରଛାତ୍ରୀ ଓ ଛାତ୍ର କଂଗ୍ରେସ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ସହ ବିରୋଧ କରାଯାଇଛି। ଶାସକ ଦଳ ପ୍ରରୋଚନାରେ କଲେଜ କର୍ତ୍ତୃପକ୍ଷ ମଧ୍ୟ ସବୁ ଦେଖି ଆଖି ବୁଜିଦେଇଥିବା ଅଭିଯୋଗ ହୋଇଛି। ଯେହେତୁ ଏହା ଏକ ଶିକ୍ଷାନୁଷ୍ଠାନ ଏଠାରେ ସବୁଦଳ ଲୋକଙ୍କର ଅବଦାନ ରହିଛି, ସମସ୍ତଙ୍କ ବିଚାରଧାରାକୁ ପ୍ରାଧାନ୍ୟ ଦିଆଯାଉ, ସମସ୍ତଙ୍କ ମତାମତ ଗ୍ରହଣ କରାଯାଉ, ଗୋଟିଏ ପକ୍ଷ କରାନଯାଉ। ପାରାଦୀପ କଲେଜର ୫୦ ବର୍ଷର ଇତିହାସକୁ ଦେଖିଲେ ଏଠାରେ ବିଜେପିର କୌଣସି ଅବଦାନ ନାହିଁ। କିନ୍ତୁ ବିଜେପି ସରକାରକୁ ଆସିବାପରେ ଏହାକୁ ଏକ ପାଖିଆ କରିବାକୁ ଚକ୍ରାନ୍ତ କରୁଛି। ଦଳୀୟ ଅତିଥିଙ୍କୁ କେବଳ ଅଣାଯାଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଚକ୍ରାନ୍ତ ଚାଲିଛି। ସେମାନଙ୍କ ପ୍ରତିନିଧିଙ୍କୁ କମିଟିରେ ରଖାଯାଇ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଉଛି। ଅତିଥିଭାବେ ରାଜ୍ୟପାଳଙ୍କ ସହ ବିରୋଧୀଦଳର ନେତାଙ୍କୁ ଡକାଯିବା ନେଇ ଗଠିତ ହୋଇଥିବା ସୁବର୍ଣ୍ଣ ଜୟନ୍ତୀ କମିଟିରେ ଆଲୋଚନା ହୋଇଥିଲା। ସବୁ ଦଳୀୟ ଲୋକଙ୍କୁ ଡକାଯାଉ। ପାରାଦୀପ ବିଧାୟକ ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିର୍ବାଚିତ ହେବାପରେ ମନ୍ତ୍ରୀ ହେଲେ, ମନ୍ତ୍ରୀ ହେବା ପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଓ କଲେଜ ପ୍ରତି କୌଣସି ଅବଦାନ ନଥାଇ ସବୁ କ୍ଷେତ୍ରରେ ହସ୍ତକ୍ଷେପ କରୁଥିବା ଏକ ହାସ୍ୟାସ୍ପଦ କଥା ବୋଲି ଅଭିଯୋଗ କରିଛନ୍ତି ପାରାଦୀପ କଲେଜ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ତଥା ନଗରକଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ। ଏଭଳି ଏକପାଖିଆ ରାଜନୀତିକରଣ ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗକୁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି।

ସୂଚନା ଥାଉକି, ୨୦୨୫ ଫେବୃଆରୀ ୭ରୁ ୯ ତିନିଦିନ ଧରି ପାରାଦୀପ କଲେଜ ତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବ। ଏନେଇ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଙ୍ଗଠନ କରାଯାଇ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ସଭାପତି ମନୋନୀତ କରାଯାଇଥିଲା। ଅଞ୍ଚଳର ବହୁ ପୁରାତନ ଛାତ୍ରଛାତ୍ରୀଙ୍କୁ ଏହି ସଙ୍ଗଠନରେ ରଖାଯାଇଥିଲା। ହେଲେ ଏବେ ଅତିଥିଚୟନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଆଲୋଚନା ସାର୍ବଜନୀନ ନହୋଇ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ବିଜେପି ଦଳର କର୍ମକର୍ତ୍ତାମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଉଛି। ଯାହାକୁ ବହୁ ପୁରାତନ ଛାତ୍ରଛାତ୍ରୀ ବିରୋଧ କରିଛନ୍ତି। ଏନେଇ ଆଜି ମଧ୍ୟାହ୍ନରେ କିଛି ପୁରାତନ ଛାତ୍ର କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କୁ ସାକ୍ଷାତ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷା ଶାସକ ଦଳ ତଥା ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ସବୁବର୍ଷ ବାର୍ଷିକ ଉତ୍ସବ ପାଳନ ହୋଇଥାଏ। ତେଣୁ ଚଳିତବର୍ଷ ସେମିତି ହେବ ବୋଲି କହିଥିଲେ। ଅଧ୍ୟକ୍ଷାଙ୍କ ସହିତ ଏକମତ ନହୋଇ ଅଭିଯୋଗ କରିବାକୁ ଆସିଥିବା ଛାତ୍ରମାନେ କହିଛନ୍ତି ଯେ, ଯଦି ସବୁଦଳର କର୍ମକର୍ତ୍ତା ନଆସନ୍ତି ତେବେ ପାରାଦୀପ କଲେଜରେ ପାଳିତ ହେବାକୁ ଥିବା ୩ ଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଛାତ୍ର କଂଗ୍ରେସ ପକ୍ଷରୁ କଳା ଦିବସ ଭାବେ ପାଳନ କରାଯିବ ଏବଂ ଉତ୍ସବକୁ ଆସୁଥିବା ସମସ୍ତ ଅତିଥିମାନଙ୍କୁ କଳା ପତାକା ଦେଖାଇ ପ୍ରତିବାଦ କରାଯିବ। ଏପରିକି ରାଜ୍ୟପାଳ ଅତିଥି ହେଲେ ମଧ୍ୟ ଜୋରଦାର ପ୍ରତିବାଦ କରାଯିବ ଏବଂ ବିକ୍ଷୋଭ ଧର୍ମଘଟ ଡାକରା ଦିଆଯିବ ଏବଂ ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଛାତ୍ରମାନେ ଅଧ୍ୟକ୍ଷାଙ୍କୁ ରୋକଠୋକ୍ ଶୁଣାଇଛନ୍ତି। ତେବେ ଏଭଳି ବେଆଇନ କାର୍ଯ୍ୟକୁ କଲେଜ କର୍ତ୍ତୃପକ୍ଷ ସମର୍ଥନ ଦେବା ଘଟଣାକୁ ବନ୍ଦର ଅନ୍ତେବାସୀ ଓ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

## ୬୭ ହିତାଧିକାରୀଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା

ଜଗତ୍‌ସିଂହପୁର, ୧୫।୧(ସମିସ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଜଗତସିଂହପୁର ସଦର ମହକୁମାର ଆଦିକବୀ ସାରଳାଦାସ ସଂସ୍କୃତିଭବନ ପରିସରରେ ଜିଲ୍ଲାସ୍ତରୀୟ ଜନସେବା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ବିଭୂପ୍ରସାଦ ତରାଇ, ସଦର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏବଂ ଜିଲ୍ଲାପାଳ ଜେ.ସୋନାଲ ପ୍ରମୁଖ ଯୋଗଦେଇ ଏହି ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କ ମୁହଁରେ ହସ ଫୁଟାଇବା ସହିତ ସେମାନଙ୍କର ଜୀବନଶୈଳୀକୁ ଏକ ନୂତନ ଦିଗ ଦେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେହିପରି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା ଏବଂ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପ୍ରମୁଖ ଏଥିରେ ଯୋଗଦେଇ ଜନସେବା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ୫୫ଜଣ ଏବଂ ୧୨ ଜଣ ଭିନ୍ନକ୍ଷମ ଏହିପରି ମୋଟ ୬୭ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରାଯାଇଥିଲା।

## ଫକୀରମୋହନଙ୍କ ଜୟନ୍ତୀ ପାଳିତ

ପାରାଦୀପ, ୧୫।୧(ସମିସ): ଉତ୍କଳ ସମ୍ମିଳନୀ ପାରାଦୀପ ଆନୁକୂଲ୍ୟରେ ବ୍ୟାସକବି ଫକିରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ନୂଆଷଣ୍ଢକୁଦ ଶାରଳା ବିହାରଠାରେ ପାଳିତ ହୋଇଯାଇଛି। ପାରାଦୀପ ଉତ୍କଳ ସମ୍ମିଳନୀର ସଭାପତି ଧ୍ରୁବ ଚରଣ ମହାପାତ୍ରଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ କବୟିତ୍ରୀ ହାରାମଣୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ସାରଦା ପ୍ରସନ୍ନ ନାୟକ, କୋଷାଧ୍ୟକ୍ଷ ତାପସ କୁମାର ପରିଜା, କଳିଙ୍ଗ ମହିଳା ଶକ୍ତିର ସଭାପତି ତଥା ନାରୀନେତ୍ରୀ ମନୋରମା ଖଟୁଆ, କବୟିତ୍ରୀ ଉର୍ମିଳା ମହାନ୍ତି, ଉପସଭାପତୀ ତୁଳସୀ ବରାଳ ପ୍ରମୁଖ ଯୋଗ ଦେଇ ବ୍ୟାସକବିଙ୍କ ଜୀବନାଦର୍ଶ ସମ୍ପର୍କରେ ନିଜର ମତ ରଖିଥିଲେ। ଶେଷରେ ସମାଜସେବୀ ପ୍ରେମଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

● ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ସେମିରେ ପୁରୀ ପାୟୋନିଅର



ବାଲିକୁଦା, ୧୫।୧(ସମିସ): ବାଲିକୁଦା ବ୍ଲକ ରାଇଜିଂ ଷ୍ଟାର ୟୁଥ କ୍ଲବ ମରିଚପୁର ଆନୁକୂଲ୍ୟରେ ଆୟୋଜିତ ୩୩ତମ ବାର୍ଷିକ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବାପୁଜୀ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିକୁଦା ତହସିଲଦାର ଆଲୋକ କୁମାର ସେଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତାକାଟି ଏହାର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଷ୍ଟାଡିୟମଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ଅତିଥି ମାଲ୍ୟାର୍ପଣ କରିବା ପରେ ମ୍ୟାଚ୍ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ବିଶ୍ୱ ଭାରତୀ କ୍ରିକେଟ କ୍ଲବ କଟକ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ପୁରୀ ପାୟୋନିଅର ପକ୍ଷରୁ ଅଧିନାୟକ ଭାଗିରଥି ବେହେରା ୪ ଓଭର ବୋଲିଂ କରି ୪ ୱିକେଟ୍ ପାଇଥିଲେ। ଜବାବରେ ପୁରୀ ପାୟୋନିଅର ୧୩ ଓଭରରେ ୪ ଉଇକେଟ ହରାଇ ୧୧୭ ରନ କରି ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଥିଲା।

ଦଳ ପକ୍ଷରୁ ଅଧିନାୟକ ଭାଗିରଥୀ ମାତ୍ର ୧୭ ବଲରେ ୪ ଚୌକା ଓ ୪ ଛକା ସହାୟତାରେ ୫୧ ରନର ଅର୍ଦ୍ଧଶତକୀୟ ଇନିଂଶ ଖେଳି ଦଳକୁ ବିଜୟୀ କରାଇବା ସହ ମ୍ୟାନ ଅଫ ଦି ମ୍ୟାଚ ଟାଇଟଲ୍ ହାସଲ କରିଥିଲେ। ଅମ୍ପାୟର ଦାୟିତ୍ୱ ଧନେଶ୍ୱର ବିଶ୍ୱାଳ ଓ ସତ୍ୟବ୍ରତ ସ୍ୱାଇଁ ନିର୍ବାହ କରିଥିବା ବେଳେ ସ୍କୋରିଙ୍ଗରେ ଗୌତମ ନାୟକ ଓ ବାପିନା ମାହାଳି ସହାୟତା କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ହାଡିବନ୍ଧୁ କାଣ୍ଡି, ଅରୁଣ ପଲାଉରୀ ଓ ବୁବୁନା ନାୟକ ପ୍ରଦାନ କରିଥିଲେ। ମ୍ୟାଚ ଆୟୋଜନରେ କ୍ଲବର ପ୍ରବୀର ସ୍ୱାଇଁ, ପ୍ରଭାସ ବେହେରା, ବିଜୟ ମହାନ୍ତି, ମାନସ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଅଲେଖ ବେହେରା, ଅନିଲ ବିଶ୍ୱାଳ, ଲୋକନାଥ ନାୟକ, ସନ୍ତୋଷ ନାୟକ, ନବଘନ ବେହେରା, କୈଳାଶ ଚନ୍ଦ୍ର ବେହେରା, ବାଉରୀବନ୍ଧୁ ସ୍ୱାଇଁ, ଫେଲୁ ପ୍ରତାପ ବେହେରା, ମନୋଜ ବାରିକଙ୍କ ପ୍ରମୁଖ ସହାୟତା କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ

କୁଜଙ୍ଗ, ୧୫।୧(ସମିସ): କୁଜଙ୍ଗ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଆଜି ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନରେ କାର୍ଯ୍ୟରତ ସମସ୍ତ ସର୍ଭେୟରମାନଙ୍କୁ ଏକତ୍ରିତ କରି ସମୀକ୍ଷା କରିଥିଲେ। କୌଣସି ଗରିବ ଲୋକ ଗୃହ ପାଇବାରୁ ଯେପରି ବଞ୍ଚିତ ନହେବେ ସେଥିପାଇଁ ଯତ୍ନବାନ ହେବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କୁଜଙ୍ଗମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁଜଙ୍ଗର ବିଜେପି ମଣ୍ଡଳ ସଭାପତି ରଞ୍ଜନ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲିପ ବେହେରାଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାମାନେ ଉପସ୍ଥିତ ଥିଲେ। ଏଥିସହିତ ମନ୍ତ୍ରୀଙ୍କ ସମୀକ୍ଷା ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ୩ହଜାର ୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା।

## ବ୍ୟାସକବିଙ୍କ ଜୟନ୍ତୀ ଓ ମକର ମିଳନ

କୁଜଙ୍ଗ, ୧୫।୧(ସମିସ): କୁଜଙ୍ଗ ହନୁମାନ ମନ୍ଦିର ପରିସରରେ ଓଡ଼ିଆ ଭାଷାର ମହାନାୟକ ବ୍ୟାସ କବି ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ, ମକର ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ପକ୍ଷରୁ ଆହୂତ ଏହି ସମାବେଶରେ ଶିକ୍ଷାବିତ ବାବୁରାମ ଚୌଧୁରୀ ସଭାପତିତ୍ୱ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସମ୍ପାଦକ ଅନନ୍ତ ମହାପାତ୍ର, କବି ସୁରେଶ ପ୍ରଧାନ, ନବୀନ ପ୍ରଧାନ, ଡଃ ଗଙ୍ଗାଧର ସାମନ୍ତରାୟ, ସୁବାସ ସାମନ୍ତରାୟ, ଶଙ୍କର ଦାସ ଓ ବିଜୟ ଖଟେଇ ପ୍ରମୁଖ ଆଲୋଚନାରେ ଭାଗ ନେଇ ସକଳ ବାଧା ଓ ବିପରୀତ ପରିସ୍ଥିତିରେ ବ୍ୟାସ କବି ଭାଷା ଓ ସାହିତ୍ୟ ପାଇଁ ଯେଉଁ ତ୍ୟାଗ ସ୍ୱୀକାର କରିଛନ୍ତି ତା'ର ପଟ୍ଟାନ୍ତର ନାହିଁ। ପରେ କବି ସୁରେଶ ପ୍ରଧାନଙ୍କ ସଂଯୋଜନାରେ କବି ଗୌରହରି ବାରିକ, ରୁନିବାଳା ମଲିକ, ଗୀତ ଦାସ, ସରୋଜିନୀ ମିଶ୍ର, ବିଭୂତି ଜେନା, ଜୟନ୍ତୀ ଦାସ, ନିରୁପମା ପାଣି, ଛବିନ୍ଦ୍ର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ବଳଦେବଜୀଉ ମନ୍ଦିର ପରିସରରେ ରାଜାଭିଷେକ ଉତ୍ସବ

ଜଗତସିଂହପୁର, ୧୫।୧(ସମିସ): ଜଗତସିଂହପୁର ବ୍ଲକ ମୁଦୁପୁର ପଞ୍ଚାୟତ ସିଦ୍ଧଳସ୍ଥିତ ବଳଦେବଜୀଉ ମନ୍ଦିର ପରିସରରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଠାକୁର ରାଜା ଭାବେ ଜିଲ୍ଲାପାଳ ଜେ ସୋନାଲ ଏବଂ ମନ୍ତ୍ରୀ ପାରିଷଦ ଭାବେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ଜଗତସିଂହପୁର, ତାରିଣୀ ରଞ୍ଜନ ରାୟ ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, , ଜଗତସିଂହପୁର ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବଡ଼ ଦାଣ୍ଡରୁ ଶତାଧିକ ସେବାୟତ, ମହିଳା ସ୍ୱୟଂ ସହାୟକ ଦଳର କର୍ମୀ ଠାକୁର ରାଜା ଓ ସମସ୍ତ ପରିଷଦ ଗଣଙ୍କୁ ଶୋଭାଯାତ୍ରାରେ ବଳଦେବଜୀଉ ମନ୍ଦିରକୁ ପାଛୋଟି ନେଇ ବେଢ଼ା ପରିକ୍ରମା କରାଇବା ସହିତ ଶ୍ରୀଜୀୟୁଙ୍କୁ ଦର୍ଶନ କରାଇଥିଲେ। ଏହାପରେ ନାଟ ମଣ୍ଡପଠାରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୁରୋଧା ପଣ୍ଡିତ ସୁରେନ୍ଦ୍ର ନାଥ ଦାଶଶର୍ମା ପୂଜାର୍ଚ୍ଚନା କରିସାରିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଠାକୁର ରାଜା ଜିଲ୍ଲାପାଳଙ୍କୁ ମୁଖ୍ୟ ପୂଜକ ଅରୁଣ କୁମାର ପଣ୍ଡା ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ରାଜଦରବାର ଅନୁଷ୍ଠିତ ହୋଇଥିଲା। ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ଠାକୁର ରାଜାଙ୍କୁ ଜଣାଇଥିଲେ। ତୁରନ୍ତ ସମାଧାନ ନିମନ୍ତେ ଠାକୁର ରାଜା ଜିଲ୍ଲାପାଳ ସୋନାଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମଙ୍କୁ ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ ସଂଯୋଜନା କରିଥିବାବେଳେ ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡ଼ା, ସଭ୍ୟ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନାରାୟଣ ଦାସ, ସୁରପ୍ରସାଦ ନାୟକ, ସାରଦା ବେହେରା, କୋଷାଧ୍ୟକ୍ଷ ଅଭୟ କୁମାର ଦାଶ, ତରଙ୍ଗ ସେନ ପରିଡ଼ା, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ, ସମିତିସଭ୍ୟା ମୌସୁମୀ ବାରିକ, କୃଷ୍ଣଚନ୍ଦ୍ର ଦାସ, ପଙ୍କଜ ପ୍ରୀତି ପରିଡ଼ା, ସୁବାସ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଜଗତସିଂହପୁର ପୁସ୍ତକମେଳା ଉଦ୍‌ଘାଟିତ



ଜଗତ୍‌ସିଂହପୁର, ୧୫।୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୬ତମ ପୁସ୍ତକମେଳା ବୁଧବାର ସଂଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରୁ ଶାରଳା ଜ୍ୟୋତି ସଂକୀର୍ତ୍ତନ ମଣ୍ଡଳୀ ସହିତ ଶୋଭାଯାତ୍ରାରେ ଅଣାଯାଇ ପୁସ୍ତକମେଳା ପରିସରରେ ସ୍ଥାପନ କରାଯାଇଥିଲା। ସଂଧ୍ୟାରେ ଆୟୋଜିତ ସାହିତ୍ୟ ସଭାରେ ଜିଲ୍ଲାପାଳ ଜେ.ସୋନାଲ ଅଧ୍ୟକ୍ଷତା କରିଥିଲେ। ସାଂସଦ ବିଭୂ ପ୍ରସାଦ ତରାଇ, ସଦର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ଏବଂ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ଯୋଗଦେଇ ଦୀର୍ଘ ୨୬ ବର୍ଷ ଧରି ଏଭଳି ପୁସ୍ତକମେଳା ଆୟୋଜିତ କରି ଆସୁଥିବାରୁ ପରିଷଦର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଜଗତସିଂହପୁର ଜିଲ୍ଲା ହେଉଛି ଆଦିକବୀ ସାରଳାଦାସଙ୍କ ମାଟି। ଏହି ମାଟିରେ ଅନେକ ସାହିତ୍ୟିକ ଜନ୍ମଗ୍ରହଣ କରି କେବଳ ଜିଲ୍ଲାରେ ନୁହେଁ ରାଜ୍ୟସ୍ତରରେ ଏବଂ ରାଷ୍ଟ୍ରୀୟସ୍ତରରେ ମଧ୍ୟ ସୁନାମ ଅର୍ଜନ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ସେହିପରି ଏହି ସଭାରେ ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁପ୍ରତିଷ୍ଠିତ ସାହିତ୍ୟକ ଡଃ ବୈଷ୍ଣବ ଚରଣ ସାମଲ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ପୁସ୍ତକ ପଠନର ଉପାଦେୟତା ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ଅତିଥି ପରିଚୟ ଦେଇଥିବା ବେଳେ ଶେଷରେ କାର୍ଯ୍ୟକାରିଣୀ ସଭ୍ୟ ମାନସ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ସାହିତ୍ୟ ସଭା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାଃ ଦାମୋଦର ରାଉତଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହୋଇଥିଲା। ଚଳିତବର୍ଷ ୭୩ଟି ପୁସ୍ତକ ଷ୍ଟଲ ଏବଂ ଓର୍‌ମାସ ତଥା ଅନ୍ୟ ଅନୁଷ୍ଠାନ ତରଫରୁ ୩୬ଟି ଷ୍ଟଲ ଖୋଲାଯାଇଛି। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ତିର୍ତ୍ତୋଲରେ ରକ୍ଷକ ପ୍ରଶିକ୍ଷଣ ଶିବିର

ତିର୍ତ୍ତୋଲ, ୧୫।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ଆଦିକବି ଭବନ ସଭାଗୃହରେ ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପାଧିକରଣ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ସଡ଼କ ସୁରକ୍ଷା ମାସ ଅବସରରେ




ଏକ ଦିବସୀୟ ରକ୍ଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ତହସିଲଦାର ସୁଧାଂଶୁ ଶେଖର ସାଓ ଉଦ୍‌ଘାଟନ କରିଥିବାବେଳେ ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦରଟେରେସା ଫାଉଣ୍ଡେସନର ରାଜ୍ୟ ଅଧ୍ୟକ୍ଷ ସମାଜସେବୀ ଡ଼ଃ ସୁନାକର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସଡ଼କ ସୁରକ୍ଷା ପ୍ରଶିକ୍ଷକ ସଞ୍ଜୀବ କୁମାର କର ଓ ହିମାଂଶୁ ଶେଖର ମହାନ୍ତି, ନେହେରୁ ଯୁବକେନ୍ଦ୍ର ନିର୍ଦ୍ଦେଶକ ନିଖିଳ କୋକୁଲ, ଆଇନଜୀବୀ ଅମର ଜ୍ୟୋତି ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ଥାନାର ସହ ଆରକ୍ଷୀ ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୌମ୍ୟପ୍ରକାଶ ନାୟକ, ସିଭିଲ ଡିଫେନ୍ସର ଗୌରହରୀ ନନ୍ଦ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ଗାଡିଚାଳକ, ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ଓ ରକ୍ଷକମାନଙ୍କୁ ପ୍ରଶିକ୍ଷକ ନିରଞ୍ଜନ ବିଶ୍ୱାଳ ଓ ସାରଦା ଅଧିକାରୀ ସଡ଼କ ସୁରକ୍ଷା ଓ ସଚେତନତା, ସଡ଼କ ଦୁର୍ଘଟଣାଜନିତ ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା, ଗୋଲଡେନ୍ ଆୱାର ମଧ୍ୟରେ ନିକଟସ୍ଥ ଚିକିତ୍ସାଳୟକୁ ସ୍ଥାନାନ୍ତର କିପରି କରିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଜୋର୍ ଧରିଲା ମଦଦୋକାନ ସ୍ଥାନାନ୍ତର ଦାବି

### ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ସରପଞ୍ଚ

ବାଲିକୁଦା, ୧୫।୧(ସମିସ):

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆଠାରେ ତିହୁଡି ନହରଣା ମୁଖ୍ୟ ରାସ୍ତା କଡ଼ରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସ୍ଥାନାନ୍ତର ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟ ଅବକାରୀ ବିଭାଗ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଞ୍ଚ ରାଜଶ୍ରୀ ଖଟୁଆ। ଅଭିଯୋଗରେ ଦର୍ଶାଇଛନ୍ତି କି, ତିହୁଡି ନହରଣା ମୁଖ୍ୟରାସ୍ତା ସର୍ବଦା ଜନଗହଳି ପୂର୍ଣ୍ଣ ରହିଥାଏ ମାତ୍ର ଏହି ରାସ୍ତାଠାରୁ ୩୦ ଫୁଟ ଦୂରରେ ମଦ ଦୋକାନ ଥିବାରୁ ସେଠାରେ ମଦ କିଣିବାକୁ ଭିଡ଼ ହେଉଥିବାବେଳେ ନିଶାସକ୍ତ ଯୁବକମାନେ ରାସ୍ତାବେଳେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏପରିକି ଠିପି ବନ୍ଦ ମଦ ବିକ୍ରି ପାଇଁ ଲାଇସେନ୍ସ ପାଇଥିଲେ ସୁଦ୍ଧା ଗ୍ରାହକମାନେ ସେଠାରେ ମଦ ବୋତଲ ଖୋଲି ପିଇବା ସହ କାଚ ବୋତଲ ଭାଙ୍ଗି ନିକଟସ୍ଥ ଚାଷ ଜମିକୁ ପକାଉଛନ୍ତି। ଫଳରେ ସେଠାରେ ଚାଷ କରୁଥିବା ଚାଷୀ ବର୍ଷା ଦିନରେ ଭଙ୍ଗା କାଚରେ କ୍ଷତାକ୍ତ ହେଉଛି। ଅନେକଥର ଏନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରି ନିରାଶ ଚାଷୀ ଏବେ ଜମି ପଡ଼ିଆ ଛାଡିଦେଇଛି। ଏନେଇ ସରପଞ୍ଚ ହିସାବରେ ସେ ବ୍ୟକ୍ତିଗତ ଭାବେ ଅବକାରୀ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ଏନେଇ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଶେଷରେ ସେ ବିରକ୍ତ ହୋଇ ବାର୍ଷିକ ରେନୁ ପାଇଁ ତାଙ୍କର ଆବଶ୍ୟକ ଥିବା ଦସ୍ତଖତ ନକରି ଅବକାରୀ ବିଭାଗକୁ ଫେରାଇ ଦେଇଛନ୍ତି। ମଦ ଦୋକାନ ଠାରୁ ମାତ୍ର ୩୦୦ ମିଟର ଦୂରରେ ଏକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଏକ ଐତିହ୍ୟ ସମ୍ପନ୍ନ ମଠ ରହିଛି। ଏପରିକି ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ସ୍ଥାନୀୟ ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟକୁ ଦୈନିକ ଶତାଧିକ ଛାତ୍ରୀ ଅଧ୍ୟୟନ କରିବାକୁ ଯାଉଥିବା ବେଳେ ସ୍ଥାନୀୟ ଦଶବାଟିଆ ବଜାର ୮ ପଞ୍ଚାୟତର ବଡ଼ ବଜାର ହୋଇଥିବା କାରଣରୁ ଏହା ଜନ ଗହଳିପୂର୍ଣ୍ଣ ରହିଥାଏ। ତେବେ ମଦ ଦୋକାନ ନିକଟରେ ନିଶା ଖାଇ ଅନେକ ନିଶାସକ୍ତ ଅସାମାଜିକ ଯୁବକ ଗଣ୍ଡଗୋଳ ସହ ଗାଳିଗୁଲଜ କରୁଥିବାରୁ ଛାତ୍ରଛାତ୍ରୀ ଓ ଲୋକେ ଯିବାକୁ ଭୟ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ରାସ୍ତା ଠାରୁ ୫୦୦ ମିଟର ଦୂରରେ ଓ ବିଦ୍ୟାଳୟ ଠାରୁ ୫୦୦ ମିଟର ଦୂରରେ ମଦ ଦୋକାନ ପାଇଁ ଲାଇସେନ୍ସ ଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ସୃଷ୍ଟି ହୋଇଛି। ଏଣୁ ମୁଖ୍ୟମନ୍ତ୍ରୀ, ଅବକାରୀ ବିଭାଗ ଓ ଜିଲ୍ଲାପାଳ ଏହାର ଉପଯୁକ୍ତ ତଦନ୍ତ କରି ଅଞ୍ଚଳବାସୀଙ୍କ ମଙ୍ଗଳ ସାଧନ ନିମନ୍ତେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ସମେତ ସରକାରୀ ମଦ ଦୋକାନରୁ ଖୁଲମ ଖୁଲା ଚୋରା ମଦ ବିକ୍ରି ଉପରେ ଲଗାମ ଲଗାଇବାକୁ ନିବେଦନ କରିଛନ୍ତି।

## ସମାଜସେବିକାଙ୍କ ପରଲୋକ

ମଣିଜଙ୍ଗା, ୧୫।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତର ବଡିଲୋ ଗ୍ରାମର ବିକେଇ ନାୟକଙ୍କ ପତ୍ନୀ ସୀତାମଣି ନାୟକଙ୍କ ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

## ମଉଳାଭଣଜା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ନାଉଗାଁ, ୧୫।୧(ସମିସ):ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥ ମଉଳାଭଣଜା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ବକ୍ତା ଭାବେ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ, ସମାଜସେବୀ ଉପେନ୍ଦ୍ର ବିଶ୍ୱାଳ, ନିଲୁରାମ ଜେନା, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ର ଓଝା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରତାପ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଖେଳ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

ମଣିଜଙ୍ଗା, ୧୫।୧(ସମିସ): ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର ସୁଜାଉଦ୍ଦିନ ନଗରପାଟଣା ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ୬ ଦଳ ସଂକୀର୍ତ୍ତନ ମଣ୍ଡଳ ଯୋଗ ଦେଇଥିଲେ। ମଣିଜଙ୍ଗା ବଜାର, ନିମକଣା, ଇନ୍ଦରପା, ଜଡତିରା ଅଞ୍ଚଳର ଜନସାଧାରଣ ସହଯୋଗ କରିଥିଲେ।

